ନ'ପୋଛ

ବପ୍ରକଣୁଦାସ

ଶିଶୁକୃଷ୍ଣଦାସଙ୍କ

ନ'ପୋଇ

ସମ୍ପାଦକ—

ଶ୍ରୀ ନୀଳମଣି ମିଶ୍ର

ଓଡ଼ିଶା ରାଜ୍ୟସଂଗ୍ରହାଳୟ, ଭୁବନେଶ୍ୱର—୧

ପ୍ରକାଶକ—

ଶ୍ରୀ ଅର୍ଜ୍ଜୁନ ଯୋଷୀ, ଏମ୍: ଏ:

ଆସିଷ୍ଟାଣ୍ଟ ଡାଇରେକ୍ଟର,

ଓଡ଼ିଶାରାଜ୍ୟ ସଂଗ୍ରହାଳୟ

ଭୁବନେଶ୍ୱର—୧

ଟ ୧·୨୫

Digitized by srujanika@gmail.com

ମୁଖବନ୍ଧ

ଓଡ଼ିଆ ଜାତିର ଗୌରବମୟ ଅତୀତ ସମ୍ବନ୍ଧରେ ଚିନ୍ତା କଲେ ଯେ କୌଣସି ଦେଶପ୍ରାଣ ବ୍ୟକ୍ତିର ହୃଦୟ ଆନନ୍ଦରେ ନାଚି ଉଠିବ। ହେଙ୍ଗସଙ୍କ ଅତୀତର ସେହି ଗରିମାମୟ କାହାଣୀ ଚିତ୍ରପଟ ପରି ଆଖି ଆଗରେ ଭାସିଯାଏ। ହର୍ଷୋତ୍‌ଫୁଲ୍ଲ ହୃଦୟରେ ପୂର୍ବ ପୁରୁଷମାନଙ୍କର ସେହି ସାଫଲ୍ୟପୂର୍ଣ୍ଣ କାର୍ଯ୍ୟାବଳୀ ସ୍ମରଣ ପୂର୍ବକ; ବର୍ତ୍ତମାନ, ଜାତିର ଦୁର୍ଦ୍ଦଶାଗ୍ରସ୍ତ ଦାୟାଦମାନଙ୍କ କଥା ଚିନ୍ତା କଲେ ସ୍ୱତଃ ବିଷାଦର ଏକ ଛାୟା ମୁଖମଣ୍ଡଳରେ ଉଙ୍କି ମାରିବା ସଙ୍ଗେ ସଙ୍ଗେ ଅଜ୍ଞାତ ସାରରେ ମୁହଁରୁ ବାହାରି ଯାଏ, "କି ଥିଲି ଏ ରାଜ୍ୟ, କି ହୋଇଛି ଆଜି!"

ଯେଉଁ ଜାତିର ରଣତରୀ ଦିନେ ସୁଦୂର ଦେଶ ମାନଙ୍କରୁ ନିଜର ବିଜୟ ବୈଜୟନ୍ତୀ ସଗର୍ବରେ ଉଡ଼ାଇ ସ୍ୱଦେଶାଭିମୁଖରେ ପ୍ରତ୍ୟାବର୍ତ୍ତନ କରୁଥିଲା, ଯେଉଁ ଜାତିର ଶିଳ୍ପକଳା ଦୁନିଆ ସମକ୍ଷରେ ଅଜେୟ ହୋଇ ମୁଣ୍ଡଟେକ ଛିଡ଼ା ହୋଇଛି, ଯେଉଁ

Digitized by srujanika@gmail.com

ଜାତିର ସାହିତ୍ୟ, ଦର୍ଶନ, ଜ୍ୟୋତିଷ ଓ ଆୟୁର୍ବେଦାଦି ଗ୍ରନ୍ଥ ଅଦ୍ୟାପି ଶ୍ରେଷ୍ଠତ୍ୱର ନିଦର୍ଶନ ସ୍ୱରୂପ ବିଦ୍ୟମାନ; ସେହି ଜାତି ଆଜ ପଙ୍ଗୁ, ହୀନ, ଦୁର୍ବଳ ଓ ପରମୁଖାପେକ୍ଷୀ ହୋଇଛି । ଯା'ର କାରଣ କେବଳ ଭାଗ୍ୟ ବିପର୍ଯ୍ୟୟ ବୋଲି କହିଦେଲେ ଯଥେଷ୍ଟ ହେବ ନାହିଁ । ଅବଶ୍ୟ ଭାଗ୍ୟ ବିପର୍ଯ୍ୟୟ ଏକତମ କାରଣ ହୋଇପାରେ, ମାତ୍ର ଦେଶବାସୀଙ୍କର ପୂର୍ବ ଉତ୍ସାହର ଯେ ଅଭାବ ଘଟିଛି, ଏ ବିଷୟ ଅସ୍ୱୀକାର କରାଯାଇ ନପାରେ ! ସେହି ଅଭାବ ଫଳରେ ଏ ଜାତି ଭୁଲି ଯାଇଛି ତା'ର ଗରିମାମୟ ଅତୀତ । ଆଜ ମଧ୍ୟ ପ୍ରାଚୀନ ଗୌରବ-ନିଧାନ ବହୁ ଦ୍ରବ୍ୟ ଆଖି ଆଗରେ ଅବହେଳିତ ଅବସ୍ଥାରେ ପଡ଼ିଥିଲେ ହେଁ, ନିଜର ଅଜ୍ଞତା ବା କୂପମଣ୍ଡୂକତା ବଶତଃ ସେ ଆଡ଼କୁ ଦୃଷ୍ଟି ପଡୁନାହିଁ । ଦେଶର ପୂର୍ବ ପୁରୁଷଙ୍କ ଦ୍ୱାରା ଲିଖିତ ଅମୂଲ୍ୟ ଗ୍ରନ୍ଥରାଜି ପ୍ରତ୍ୟକ୍ଷରେ କୀଟ ଓ ଅଗ୍ନି ମୁଖରେ ପଡ଼ି ଧ୍ୱଂସ ପାଇ ଯାଉଛି; ସେଥି ପ୍ରତି କାହାରି ନଜର ନାହିଁ । ପୂର୍ବ ପୁରୁଷଙ୍କ ନିର୍ମିତ ଶିଳ୍ପକଳା-ପୀଠ ସମୂହ କ୍ରମଶ ଧ୍ୱଂସସ୍ତୂପରେ ପରିଣତ ହେଉଛି, ସେଥି ପ୍ରତି କାହାରି ଯତ୍ନ ନାହିଁ ।

ସୁଖର ବିଷୟ, ସ୍ୱାଧୀନ ସରକାରଙ୍କ ଦୃଷ୍ଟିକୋଣ ଏ ଦିଗରେ ଅନୁକୂଳ ହୋଇଛି, ତା'ର ଫଳରେ ଆଜିକାଲି କେତେକ ପ୍ରାଚୀନଗ୍ରନ୍ଥାଦି ସଂରକ୍ଷଣର ବ୍ୟବସ୍ଥା ହୋଇ ଲୋକଲୋଚନର ଗୋଚରକୁ ଆଣାଯାଉଛି ।

ଓଡ଼ିଆ ଭାଷାରେ ଅସଂଖ୍ୟ ଗ୍ରନ୍ଥ ଷୋଡ଼ଶ, ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ ଲେଖା ହୋଇଥିଲେ ହେଁ ତାହା ମଧ୍ୟରୁ ବହୁଗ୍ରନ୍ଥ ଅଦ୍ୟାପି ସଂକଳିତ ହୋଇ ନାହିଁ । ପ୍ରାଚୀସମିତି ଜରିଆରେ ସ୍ୱର୍ଗତଃ ଆର୍ତ୍ତବଲ୍ଲଭ ମହାନ୍ତି ଓ ସ୍ୱର୍ଗତଃ ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ଉଦ୍ୟମରେ

Digitized by srujanika@gmail.com

ଅନେକ ଗ୍ରନ୍ଥ ପ୍ରକାଶିତ ହୋଇଛି । ବର୍ତ୍ତମାନ ଓଡ଼ିଶା ସାହିତ୍ୟ ଏକାଡେମୀ ଜରିଆରେ ମଧ୍ୟ କେତେକ ଖଣ୍ଡି ପ୍ରାଚୀନଗ୍ରନ୍ଥ ସଂକଳିତ ହୋଇଛି । ପ୍ରସ୍ତୁତ ଆଲୋଚନା ଟିରେ 'ନ' ପୋଥି' ନାମକ ଏକ ପ୍ରାଚୀନ କାବ୍ୟର ଭୂମିକାର ଅବତାରଣା କରାଯାଇଛି ।

ଓଡ଼ିଶା ପ୍ରାଦେଶିକ ସଂଗ୍ରହାଳୟର ପ୍ରାଚୀନ ଗ୍ରନ୍ଥାଗାରରେ ତାଳପତ୍ରରେ ଲିଖିତ ଦୁଇଖଣ୍ଡି ଧଳିଆ 'ନ' ପୋଥି' (O.L/95, O.L/96) ରଣପୁର ଅଞ୍ଚଳରୁ ସଂଗୃହୀତ ହୋଇ ରହିଛି । ଏବଂ ଆଉ ଦୁଇଖଣ୍ଡି (O.L./263, O.L 269) 'ନ' ପୋଥି' ଯଥାକ୍ରମେ ପାରଳାଖେମୁଣ୍ଡି ଓ ଖଲ୍ଲିକୋଟ ଅଞ୍ଚଳରୁ ସଂଗୃହୀତ ହୋଇ ସଂରକ୍ଷିତ ହୋଇଛି । ପ୍ରଥମୋକ୍ତ ଦୁଇଖଣ୍ଡି ଏକ ସମୟରେ ଜଣେ ଲେଖକଦ୍ୱାରା ନକଲ ହୋଇଥିବାରୁ ଉଭୟ ନକଲର ପାଠ ଏକାପରି ଏବଂ ଅନ୍ୟ ଦୁଇଟି ଗ୍ରନ୍ଥର ପାଠ ପୃଥକ ପୃଥକ୍ ହୋଇଥିବାରୁ ତିନି ଖଣ୍ଡି ପୋଥିର ପାଠକୁ ଏକତ୍ରିତ କରି; ଯେଉଁ ପାଠଟି ସମୀଚୀନ ହେବାକୁ ମୋତେ ଜଣା ପଡ଼ିଛି ତାହା ମୂଳ ପାଠରେ ଦେଇ, ଅନ୍ୟ ଦୁଇଖଣ୍ଡି ପାଠର ପାର୍ଥକ୍ୟ ଥିବା ଅଂଶ ପାଦଟୀକା(foot note) ରେ ଦେଇଛି । କେତେକ ସ୍ଥଳରେ ତିନୋଟି ଯାକ ପୋଥିର ବିକୃତ ଭାବେ ଲିଖିତ ପାଠକୁ ପରିବର୍ତ୍ତନ କରି ଶୁଦ୍ଧପାଠ ଦେଇଛି । ତେଣୁ O.L/263 ପୋଥିଟିକୁ 'କ' ପୋଥି, O.L/269 ପୋଥିଟିକୁ 'ଖ' ପୋଥି ଓ O.L/95 ପୋଥିଟିକୁ 'ଗ' ପୋଥି ବୋଲି ପାଦ— ଟୀକାରେ ସାଙ୍କେତିକ ଚିହ୍ନ ରୂପେ ସନ୍ନିବେଶିତ କରିଛି ।

'ନ' ପୋଥି' ଗ୍ରନ୍ଥଟିର ବିଶେଷ ଭାବେ ଆଲୋଚନା କରିବା ପୂର୍ବରୁ ସଂକ୍ଷେପରେ ଉକ୍ତ ଗ୍ରନ୍ଥର ବିଷୟ ବସ୍ତୁ ନିମ୍ନରେ ପ୍ରଦତ୍ତ ହେଲା ।

Digitized by srujanika@gmail.com

ପ୍ରଥମ ପୋଇ

ବାଳକବୃନ୍ଦ ସଙ୍ଗରେ ଧରି ଶ୍ରୀକୃଷ୍ଣ ବୃନ୍ଦାବନରେ ଗୋରୁ ଚରାଉଥିଲାବେଳେ ହଠାତ୍ ରାଧାଙ୍କ ବିରହରେ କାତର ହୋଇ, ରାଧାଙ୍କୁ ଦେଖିଲେ ପାଦରେ ପଡ଼ି, ଅଭିପ୍ରାୟ ଜଣାଇବା ପାଇଁ ମନେ ମନେ ଚିନ୍ତା କଲେ ।

ଦ୍ୱିତୀୟ ପୋଇ

ହଠାତ୍ ରାଧା ଏକାକିନୀ ସୁଗନ୍ଧ ଲଗାଇ କାଳିନ୍ଦୀରେ ସ୍ନାନ କରୁଥିବା ବେଳେ କୂଳରେ ଥୋଇଥିବା ତାଙ୍କ ମୋତିମାଳାଟିକୁ ଚିଲ ନେଇଗଲା । ତହୁଁ ରାଧା ଶାଶୂ, ନଣନ୍ଦଙ୍କ ଭୟରେ କାତର ହେଲେ । ଏହି ସମୟରେ ଶ୍ରୀକୃଷ୍ଣ ସେଠାରେ ପହଞ୍ଚି ତାଙ୍କୁ ସତ୍ୟ କରାଇ ମାଳା ଆଣିଦେବାପାଇଁ ପ୍ରଯତ୍ନ କଲେ ।

ତୃତୀୟ ପୋଇ

ଚିଲକୁ ଉଡ଼ାଇଦେଇ ମାଳା ଆଣି ରାଧାଙ୍କ ଗଳାରେ ଲମ୍ବାଇ କୃଷ୍ଣ ନିଜର ଅଭିପ୍ରାୟ ଜଣାଇ ଫଳସିଦ୍ଧି ଉଦ୍ଦେଶ୍ୟରେ ବହୁ ମିନତି କଲେ । କୃଷ୍ଣଙ୍କ କଥାଶୁଣି 'ନବରସବର୍ଣ୍ଣ' ରାଧା ଦୀର୍ଘ ନିଃଶ୍ୱାସ ତ୍ୟାଗ କରି ନାନା ପ୍ରକାର ଭର୍ତ୍ସନା କଲେ ଓ ଧମକ ଦେଲେ ।

ଚତୁର୍ଥ ପୋଇ

ତାହା ଶୁଣି ଶ୍ରୀକୃଷ୍ଣ ପୁଣି ଅନେକ ପ୍ରକାର ମିନତି କରି ବିରହଜ୍ୱାଳା ନିବାରଣ ନିମିତ୍ତ କୁଞ୍ଜବନ ଉଦ୍ଦେଶ୍ୟରେ ଯିବାଲାଗି ରାଧାଙ୍କ ପଣତ ଧରି ଟାଣିଲେ । ତହୁଁ ରାଧା ଅତି କ୍ରୋଧାନ୍ୱିତା ହୋଇ ନାନା ପ୍ରକାର ଧମକ ଚମକ ଦେଲେ ।

Digitized by srujanika@gmail.com

ପଞ୍ଚମ ପୋଇ

ରାଧାଙ୍କ ଭର୍ତ୍ସନା ପ୍ରତି ଭ୍ରୂକ୍ଷେପ ନକରି ଶ୍ରୀକୃଷ୍ଣ 'ଦନ୍ତରେ ତୃଣ' ଧରି ରାଧାଙ୍କ ପାଦତଳେ ଶୋଇ ରହିଲେ । ରାଧା ଅତି କ୍ରୋଧରେ ତାଙ୍କୁ ପାଦପ୍ରହାର କରି ଚାଲିଗଲେ । ରାଧାଙ୍କ ଝୁଣ୍ଟିଆ ବାଜି କୃଷ୍ଣଙ୍କ କପୋଳରୁ ଝରି ଝରି ରକ୍ତ ବହିଲା । ସେ ପୀତବାସରେ ରକ୍ତ ପୋଛି ଅତିଦୁଃଖରେ ରାଧାଙ୍କ ରୂପ ଚିନ୍ତାକଲେ ।

ଷଷ୍ଠ ପୋଇ

ଶ୍ରୀକୃଷ୍ଣ କାମଦେବଙ୍କୁ ପୂଜାକରି ରାଧାନାମ ଧରି ମୁରଲୀ ବଜାଇଲେ । ସେହି ମୁରଲୀ ସ୍ୱର ଶୁଣି ରାଧା କେଶବାସ ଅସମ୍ଭାଳ ପୂର୍ବକ କାମବାଣରେ ପୀଡ଼ିତା ହେଲେ । ଏହି ସମୟରେ ଦୂତିକା ରାଧାଙ୍କ ନିକଟରେ ପହଞ୍ଚି ତାଙ୍କୁ ବ୍ୟସ୍ତ ହେବାର କାରଣ ପଚାରିଲେ ।

ସପ୍ତମ ପୋଇ

ରାଧା ନିଜର ବେଦନା ଜଣାଇ, ଶ୍ରୀକୃଷ୍ଣଙ୍କ ସହିତ ମିଳନ ଇଚ୍ଛା କରି ଦୂତୀ ରୂପରେ ଯିବା ପାଇଁ ତାଙ୍କୁ ଅନୁରୋଧ କଲେ । ଦୂତିକା ରାଧାଙ୍କୁ ନାନା ପ୍ରକାର ଉପଦେଶ ଦେଇ ଏ ପ୍ରକାର ଇଚ୍ଛାରୁ ନିବୃତ୍ତ ହେବାଲାଗି ଗୁହାରି କହିଲେ ।

ଅଷ୍ଟମ ପୋଇ

ଦୂତିକା କୁଞ୍ଜବନରେ ଅତି ଦୁଃଖରେ ବସିଥିବା ଶ୍ରୀକୃଷ୍ଣଙ୍କ ନିକଟକୁ ଯାଇ ରାଧାଙ୍କ ଦୁଃଖ ଜଣାଇଲେ । କିନ୍ତୁ ଶ୍ରୀକୃଷ୍ଣ ନିଜ ବେଦନା ଜଣାଇ ରାଧାଙ୍କ ପାଦ ପ୍ରହାର ବିଷୟ କହିଲାରୁ ଦୂତିକା ରାଧାଙ୍କର ବର୍ତ୍ତମାନର ଅବସ୍ଥା ସବିଶେଷ ରୂପେ ବର୍ଣ୍ଣନା କଲେ ।

Digitized by srujanika@gmail.com

ନବମ ପୋଇ

ଦୂତିକା କୁଞ୍ଜବନରୁ ଫେରିଯାଇ ଶ୍ରୀକୃଷ୍ଣଙ୍କ ବେଦନା ଜଣାଇବାରୁ ରାଧା ନିଜ ପୂର୍ବକୃତ୍ୟ ସ୍ମରଣ କରି ତା' ସହିତ କୁଞ୍ଜବନକୁ ଅଭିସାର କଲେ । ଶ୍ରୀକୃଷ୍ଣ ରାଧାଙ୍କୁ ଦେଖିଅଭିମାନରେ ନାନା ପ୍ରକାର ଛଳ କଥା କହିଲେ । କିନ୍ତୁ ଦୂତିକା ଶ୍ରୀକୃଷ୍ଣଙ୍କୁ ସାନ୍ତ୍ୱନା ଦେଇ ତାଙ୍କ ନିକଟରେ ରାଧାଙ୍କୁ ସମର୍ପଣ କରି ସେଠାରୁ ଅନ୍ତର ହୋଇଗଲା । ତହୁଁ ଅତି ଆନନ୍ଦରେ ଶ୍ରୀକୃଷ୍ଣ ରାଧାଙ୍କୁ ନେଇ କୁଞ୍ଜବନର କୁସୁମ ଶେଯରେ ବିଜେ କଲେ ।

ପଦଆ, ଗୀତିକା, ବୋଲି ଓ ପୋଇ

ସଂସ୍କୃତର 'ପଦ୍ୟ' ଶବ୍ଦରୁ ପ୍ରାକୃତରେ 'ପଦ୍ଦ' ଶବ୍ଦ ହୋଇଥିବାର ଜଣାଯାଏ । ଏବଂ 'ପଦ୍ୟ'ରୁ ଓଡ଼ିଆରେ ମଧ୍ୟ 'ପଦଆ' ଶବ୍ଦର ସୃଷ୍ଟି ହୋଇଥିବ । ସଂସ୍କୃତରେ ଏହି 'ପଦ୍ୟ' ଅବଲମ୍ବନରେ ନୀଳକଣ୍ଠ ଖାଡଙ୍ଗାଙ୍କ "ଶତେକ ପଦଆ", କୃଷ୍ଣ ସିଂହଙ୍କ "ଛପନ ପଦଆ", ବାମଦେବ ପଟ୍ଟନାୟକଙ୍କ "ଛପନ ପଦଆ", କୃପାସିନ୍ଧୁ ହୁମନ୍ତଙ୍କ "ଛପନ ପଦଆ", ବ୍ରଜସୁନ୍ଦର ପଟ୍ଟନାୟକଙ୍କ "ଛପନ ପଦଆ", ଗିରିଧର ମଙ୍ଗରାଜଙ୍କ "ଶତେକ ପଦଆ" ଓ ବାସୁଦେବ ଦାସଙ୍କ "ପଚିଶ ପଦଆ" ଆଦି ଓଡ଼ିଆରେ ରଚିତ ହୋଇଥିଲା । (୧)

ଉପରୋକ୍ତ ପଦଆ ଗୁଡ଼ିକ ମଧ୍ୟରେ ବ୍ରଜସୁନ୍ଦର ପଟ୍ଟନାୟକ ଙ୍କ "ଛପନ ପଦଆ" ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ ରଚିତ ହୋଇଥିବା

---

(୧) 'କୋଣାର୍କ' ପ୍ରଥମ ବର୍ଷ ତୃତୀୟ ସଂଖ୍ୟାରେ ପ୍ରକାଶିତ ସ୍ୱର୍ଗତ ବଚ୍ଛନ୍ଦଚରଣ ପଟ୍ଟନାୟକଙ୍କ 'ଓଡ଼ିଆ ପଦ୍ୟ ସାହିତ୍ୟ' ଶୀର୍ଷକ ପ୍ରବନ୍ଧ ଦ୍ରଷ୍ଟବ୍ୟ ।

Digitized by srujanika@gmail.com

ସମ୍ଭବ । କାରଣ ସେ ବଡ଼ଖେମୁଣ୍ଡି ରାଜବଂଶର ପୁରୁଷୋତ୍ତମ ଅନଙ୍ଗଭୀମଦେବ (ଖ୍ରୀ:ଅ: ୧୭୨୮—୧୭୭୬) ଙ୍କର ସଭା କବି ଥିଲେ ଓ ବନ୍ଦବାକ ଚକ୍ରପାଣି ପଟ୍ଟନାୟକଙ୍କର ପିତା ଥିଲେ । କବିଙ୍କ କୃତ 'ସୁଲୋଚନା ମାଧବ' ବା 'ମାଧବୀୟ ଚରିତ' ନାମକ କାବ୍ୟ ସଂସ୍କୃତ ସାହିତ୍ୟରେ ଏକ ଅନବଦ୍ୟ ଗ୍ରନ୍ଥ । କବି ନିଜକୁ ଅନଙ୍ଗଭୀମଙ୍କ ସଭାକବି ବୋଲି ଉକ୍ତ କାବ୍ୟର ପ୍ରଥମସର୍ଗର 'ପୁଷ୍ପିକା'ରେ ଉଲ୍ଲେଖ କରିଛନ୍ତି—

"ଯଂ ଚକ୍ରେ ସ୍ମ ସଭା ବିଭୂଷିତମଣିଂ ରାଜନ୍ୟଚୂଡ଼ାମଣିଃ
ବିଦ୍ୟାସିନ୍ଧୁରନଙ୍ଗଭୀମନୃପତିଃ ଶ୍ରୀଗାଙ୍ଗବଂଶୋଦ୍ଭବଃ ॥
ତସ୍ୟ ଶ୍ରୀବ୍ରଜସୁନ୍ଦରସ୍ୟ କୃତିନୋ ବିପ୍ରାଗ୍ରଣୀୟାଂ କାନ୍ତ କ୍ଷିଣଃ
କାବ୍ୟେ ପାବନ ମାଧବୀୟ ଚରିତେ ସର୍ଗୋଽୟମାଦର୍ଗତଃ" ॥ (୧)

କବିଙ୍କ ରଚିତ 'ଅ' ଆଦ୍ୟ ନିୟମରେ 'ଛପନ ପଦିଆ' ଖଣ୍ଡ କାବ୍ୟଟି ଓଡ଼ିଆ ସାହିତ୍ୟରେ ଏକ ଅନବଦ୍ୟ ଗ୍ରନ୍ଥ । ଯଦିଓ 'ଅ' ଆଦ୍ୟ ନିୟମରେ ବ୍ରଜନାଥ ବଡ଼ଜେନାଙ୍କ ରଚିତ 'ଅମ୍ବିକା ବିଳାସ' ଓ ଶ୍ୟାମସୁନ୍ଦର ଦେବଙ୍କ ରଚିତ 'ଅନୁରାଗ କଳ୍ପଲତା' ଆଦିଗ୍ରନ୍ଥ ଥିବାର ସନ୍ଧାନ ମିଳୁଛି । ତଥାପି ଉକ୍ତ କବିଦ୍ୱୟଙ୍କ ଅପେକ୍ଷା ବ୍ରଜସୁନ୍ଦରଙ୍କ 'ଛପନ ପଦିଆ' ପ୍ରାଚୀନ ରଚନା । ଆଦ୍ୟାନୁପ୍ରାସ ରଚନା ଓଡ଼ିଆ ସାହିତ୍ୟରେ, ପ୍ରାୟ ୫୦ଖଣ୍ଡି ଗ୍ରନ୍ଥ ଥିବାର ସୂଚନା ମିଳିଲାଣି । ତନ୍ମଧ୍ୟରେ 'ଅ' ଆଦ୍ୟାନୁପ୍ରାସ ରଚନା ନିଶ୍ଚୟ ଆୟାସ-ସାଧ୍ୟ । କବି ବ୍ରଜସୁନ୍ଦର ତାଙ୍କ 'ପଦିଆ' ରଚନାରେ ଯେଉଁ କୃତିତ୍ୱ ଦେଖାଇଛନ୍ତି ତାହାର ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା ।

(୧) 'ସୁଲୋଚନା ମାଧବ' କାବ୍ୟ L/59 ଓଡ଼ିଶା ମ୍ୟୁଜିୟମ୍ ପୋଥି ।

Digitized by srujanika@gmail.com

"ଅଳକାବଳୀର ଶ୍ରୀମୁଖ ଗୃହିଁ ।
ଅଳକା ସମ୍ପତ୍ତି ଇଚ୍ଛଇ ନାହିଁ ॥
ଅଳିକ ବଚନ ପଦେ ନ କହେ ।
ଅଭିମାନ ଏବେ କମ୍ପାଇ ବହେ ॥
ଅମ୍ବୁଦ୍ର କାଳ ହେଲେ ଜଗତର ।
ଆବେଷ୍ଟଣ କରେ ମୁଁ ଜଗତର ॥
ଆହ୍ଵଜଇ ଉରେ ଘନସ୍ତନୀ ତ ।
ଆକର୍ଷିନ କରି ଘନ ସ୍ତନତ" ॥ (୩)

ଜଣେ ଅଜ୍ଞାତନାମା କବିଙ୍କର 'ପ' ଆଦ୍ୟାନୁପ୍ରାସରେ ରଚିତ 'ଛତିଶ ପଦଅ' ସମ୍ବନ୍ଧରେ ସମାଲୋଚକ ସ୍ୱର୍ଗତଃ ବିଚ୍ଛନ୍ଦ ବାବୁ ଆଲୋଚନା କରିଛନ୍ତି । 'ପ' ଆଦ୍ୟାନୁପ୍ରାସ ରଚନାରେ 'ପଦଅ' ସାହିତ୍ୟ କପର ଭାବଗର୍ଭକ ରସାନୁକୂଳ ତଥା ସରସ ଓ ହୃଦ୍ୟ ହୋଇଛି, ନିମ୍ନଲିଖିତ ଉଦ୍ଧୃତାଂଶରୁ ବେଶ୍ ଅନୁମାନ କରିହୁଏ ।

"ପ୍ରଣୟ ମନେ କାନ୍ତ ଦୁଃଖୀ ହୋଇ ।
ପ୍ରିୟା ପ୍ରତିବଦନ ଭାବ ଚକୋର ॥
ପୂରତେ ସଖୀ କି କହେ ଏ ଭାଷା ।
ପ୍ରାଣ ପ୍ରଭୁ ମୋର ସେ ମୃଗଦୃଶା ॥
ପଦ୍ମଶରୁ ତାକୁ ।
ପରାଣ ଗଲେ ବୁଝିବ କାହାକୁ ?

× × ×

ପାରବଶ୍ୟପଦ ରୂପ ଖଣ୍ଡନା ।
ପରମ ଦୟାଳୁ ମହାମଣ୍ଡନା ॥

---

(୩) 'କୋଣାର୍କ' ପ୍ରଥମବର୍ଷ ୩ୟ ସଂଖ୍ୟା ପୃଷ୍ଠା ୧୯

Digitized by srujanika@gmail.com

ପଦ୍ମନେତ୍ରା ସେ କ ଆଣି ମନକୁ ।
ପାଳନା ନ କଲ ଦାଦଜନକୁ ॥
ପକ୍ଷୀ ଜନ୍ମ ଯେବେ ହୁଅନ୍ତ ମୁହିଁ ।
ପଡନ୍ତ ଉଡ଼ି ତା ପାଶରେ ଯାଇ ॥
ପାଞ୍ଚ ଥାଇ ଏହ୍ନା ଅନୁଚରତେ ।
ପର କଲେ ସେ ଜୀଇବ କେମନ୍ତେ ?"

'ଚଉତିଶା' ରଚନା ପର 'ଗୀତ' ରଚନା ମଧ୍ୟ ଓଡ଼ିଆ ସାହିତ୍ୟରେ ଅନେକ ଦେଖା ଯାଏ । ସମାଲୋଚକ ସ୍ୱର୍ଗତଃ ପଟ୍ଟନାୟକ ତାଙ୍କ ଆଲୋଚନାରେ ଶ୍ରୀମଦେବ (ପୁରୁଷୋତ୍ତମ ଅନଙ୍ଗ ଶ୍ରୀମଦେବ ବୋଧହୁଏ), ଜଗନ୍ନାଥ ମର୍ଦ୍ଦରାଜ (ଖଲ୍ଲିକୋଟ ରାଜା ଜଗନ୍ନାଥ ମର୍ଦ୍ଦରାଜ ବୋଧହୁଏ), ବ୍ରଜମଣି ଓ ବାଲଜୀ ଶରଣ ଆଦି କବିଙ୍କ 'ଗୀତିକା' ସମ୍ବନ୍ଧରେ ଆଲୋକପାତ କରିଛନ୍ତି । ତନ୍ମଧ୍ୟରେ ବାଲଜୀ ଶରଣ ଓଡ଼ିଆ ସାହିତ୍ୟରେ ଜଣେ ଅଜ୍ଞାତ କବି ନ ହେଲେ ମଧ୍ୟ ତାଙ୍କ କୃତ "ନାୟିକ ଗୃନ୍ଥ" ଓ କେତେକ ଭଜନର ସନ୍ଧାନ ମିଳିଛି । ବାଲଜୀ ଶରଣଙ୍କ 'ଗୀତିକା' ରୁ କେତେକାଂଶ ଏଠାରେ ପ୍ରଦତ୍ତ ହେଲା ।

"ଉଦେ ଚନ୍ଦ୍ର ହ୍ନଦେ ହେବାର ବୁଝି ।
ବୋଇଲ ଗୃହାରେ ଚନ୍ଦ୍ରମା ମୁହିଁ ॥
ପୂର୍ବ ଦନ୍ତୀ ଶୃଙ୍ଗ କୁମ୍ଭ ବିଦାର ।
ବାହାର ହୋଇଛୁ ମଦ୍ଧ କେଶରୀ ॥
ରମଣୀ ବୁଝିଲା,
ହସି ମୋତି ମାଳା ପକାଇ ଦେଲା ॥

× × ×

Digitized by srujanika@gmail.com

କହେ ବାଲକୀ ଶରଣ ଏ ରସ ।
ପଣାରେ ହାଣିଲ ହନେ ନାସ୍ତ୍ରଣ ।।
ହୋଡ଼ କରିଥିଲ ପୁରୁଷାୟିତ ।
ବୋଇଲ ବନ୍ଧୁରେ ହାର ହଅତ ।।
ଉତ୍ତର ବୋଇଲ,
ହସି ମୋତି ମାଳା ପକାଇ ଦେଲ ।।”

ଶ୍ରୀମଦେବଙ୍କ ଗୀତିକା ମଧ୍ୟ ବାଲକୀ ଶରଣଙ୍କ ଗୀତିକାର ଅନୁରୂପ ରସାଭିବ୍ୟଞ୍ଜକ ଅଟେ । କବିଙ୍କ କୃତ “କୃଷ୍ଣ କେଳୀ ତରଙ୍ଗିଣୀ” ନାମକ ଗ୍ରନ୍ଥ ତଥା ଅନେକ ଚୌପଦୀ ଆଦି ରଚନା ଥିବାର ସନ୍ଧାନ ମିଳେ । ‘କୃଷ୍ଣ କେଳୀ ତରଙ୍ଗିଣୀ’ ରେ ରାଧାକୃଷ୍ଣଙ୍କ ମଧ୍ୟାହ୍ନ ଲୀଳା ଆଦିରସାତ୍ମକ, ଯମକାଦି ପ୍ରଚୁର ଅଳଙ୍କାର ତଥା ପ୍ରସାଦ ଗୁଣ ପରିପୂର୍ଣ୍ଣ ରମ୍ୟ ରଚନା ଅଟେ । [୪] ତାଙ୍କ ରଚିତ ‘ଗୀତିକା’ ରେ କବି ମଧ୍ୟ ନାୟକ ଉକ୍ତି ପ୍ରସଙ୍ଗରେ ସୁନ୍ଦର ମନୋରଞ୍ଜକ ଆଦିରସାତ୍ମକ ବର୍ଣ୍ଣନା କରି ସହୃଦୟ ପାଠକ ପ୍ରାଣରେ ଅଭିନବ-ରସର ସଞ୍ଚାର କରାଇଛନ୍ତି ।

“ଅଧୋମୁଖ ଯହୁଁ ହୋଇଲ ବାଳା,
ଥକିତ ନୋହଇ ନୟନ ଡୋଳା ।
ମଦନ ପଞ୍ଚ ଶରେ ମତ୍ତ ହେଲି,
ଗଣ୍ଡେ ଚୁମ୍ବ ଦେବି ଧନ ବୋଇଲି ।
ଉହୁଁ ଉହୁଁ କଲ,
କୁସୁମ ପିନ୍ଧା ଶାଢ଼ୀ ମୁଖେ ଦେଲ ।।

\+ \+ \+

୪—‘କୃଷ୍ଣ କେଳୀ ତରଙ୍ଗିଣୀ’ ସମ୍ବନ୍ଧରେ ୧୯୫୮ ଗୋପବନ୍ଧୁ ଶ୍ରାଦ୍ଧ ସଂଖ୍ୟା ‘ସମାଜ’ ଦ୍ରଷ୍ଟବ୍ୟ ।

Digitized by srujanika@gmail.com

ବସନ ଉହ୍ଲାଡ଼େ ଦନ୍ତ ଛଡ଼ାଇଲ ।
ମାଣିକ୍ୟ ଆଭା ପ୍ରାପ୍ତେ ପ୍ରକାଶିଲ ।
ଚନ୍ଦ୍ରମା ମୁଖରେ ହାସ ପ୍ରକାଶ,
ଅଧର ପାନକୁ ହେଲ ପ୍ରବେଶ ।
ଉହୁଁ ଉହୁଁ କଲ
କୁସୁମା ପିନ୍ଧା ଶାଢ଼ୀ ମୁଖେ ଦେଲ ।।"

ଏହିପରି ଆଲୋଚନା କଲେ ଆହୁରି ମଧ୍ୟ 'ବୋଲି' ରଚନାର ବହୁଳ ସନ୍ଧାନ ମିଳେ । ତନ୍ମଧ୍ୟରେ 'ଅଳଙ୍କାର ବୋଲି', 'କାଚ-ବୋଲି', 'ବସନ ବୋଲି', 'ବ୍ୟାଧ ବୋଲି' ଓ 'ଗୋପୀଚନ୍ଦ୍ରା-ବୋଲି' ଆଦି ରଚିତ ହୋଇ ଓଡ଼ିଆ ସାହିତ୍ୟର ଗୋଟିଏ ବିଭାଗକୁ ପରିପୁଷ୍ଟ କରୁଛି ।

'ପଦିଆ', 'ଗୀତିକା' ଓ ବୋଲି ପରି ପଦର ପ୍ରାକୃତ 'ପଣ୍ଣ' ରୁ ଓଡ଼ିଆ ସାହିତ୍ୟରେ 'ପୋଇ' ରଚନା ହୋଇଥିବାର ଦେଖାଯାଏ । ତନ୍ମଧ୍ୟରେ 'ପଚିଶ ପୋଇ', 'ଷୋଳପୋଇ', 'ବାର ପୋଇ, 'ଦଶ ପୋଇ', 'ନ'ପୋଇ, 'ସାତପୋଇ', ଓ 'ଛ' ପୋଇର ସନ୍ଧାନ ମିଳେ । ସନ୍ଧାନ ମିଳିଥିବା ଉପରୋକ୍ତ ପୋଇ ଗୁଡ଼ିକ ମଧ୍ୟରେ 'ପଚିଶ ପୋଇ' ଓ 'ଷୋଳପୋଇ' ରାମଲୀଳା ମୂଳକ; 'ବାର ପୋଇ" 'ଦଶ ପୋଇ', 'ନ' ପୋଇ' ଏବଂ 'ଛ' ପୋଇ' (ଅଚ୍ୟୁତ ଦାସଙ୍କ ରଚିତ) କୃଷ୍ଣଲୀଳା ମୂଳକ ଓ 'ସାତ ପୋଇ' ଓ 'ଛ' ପୋଇ' (ଭ୍ରମରବର ସାମନ୍ତଙ୍କ ରଚିତ) ବିଷ୍ଣୁ ଭଜନ ମୂଳକ ଅଟେ (୫) । 'ପୋଇ' ରଚନାର

---

(୫)—ବ୍ରଜନାଥ ବଡଜେନାଙ୍କ ରଚିତ 'ଦଶପୋଇ' ନାମକ ଖଣ୍ଡକାବ୍ୟଟି ମୋର ଦୃଷ୍ଟିକୁ ଆସିନାହିଁ ।

Digitized by srujanika@gmail.com

ବିଶେଷତଃ ହେଉଛି ସେହି ସଂଖ୍ୟାବାଚକ 'ପୋଇ', ଗ୍ରନ୍ଥଟିରେ ସେତିକି ସଂଖ୍ୟକ ଛାନ୍ଦ ଓ ପ୍ରତ୍ୟେକ ଛାନ୍ଦରେ ସେତିକି ସଂଖ୍ୟକ ପଦ ଥାଏ । ସର୍ବୋପରି ଚଉବିଶ ଅକ୍ଷର ବିଶିଷ୍ଟ ଛନ୍ଦକୁ 'ପୋଇ ଛନ୍ଦ' ବୋଲି କୁହାଯାଏ । ଏ ନିୟମର ବ୍ୟତିକ୍ରମ କେବଳ ''ନ' ପୋଇ'' ରେ ହୋଇଥିବାର ଦେଖା ଯାଏ । ଏଠାରେ ବର୍ଣ୍ଣିତ ସବୁ 'ପୋଇ' ଗୁଡ଼ିକର ଛନ୍ଦ ଚଉବିଶ ଅକ୍ଷର ବିଶିଷ୍ଟ ହୋଇଥିଲେ ହେଁ କେବଳ ''ନ' ପୋଇ''ରେ ବାଇଶ ଅକ୍ଷର ବିଶିଷ୍ଟ ଛନ୍ଦ ପ୍ରୟୋଗ ହୋଇଛି । ବୋଧହୁଏ 'ପୋଇ' ଟିକୁ ଅଧିକ ସଙ୍ଗୀତ ମୁଖର କରିବା ଉଦ୍ଦେଶ୍ୟରେ କବି ଏପରି କରିଛନ୍ତି ।

ଉକ୍ତ ପୋଇ ଗ୍ରନ୍ଥ ଗୁଡ଼ିକ ମଧ୍ୟରେ 'ପଚିଶ ପୋଇ'ଟି ସବୁଠାରୁ ବଡ଼ ଗ୍ରନ୍ଥ । ତେଣୁ ସେହି 'ପଚିଶ ପୋଇ'ଠାରୁ ଆରମ୍ଭ କରି ଯଥାକ୍ରମରେ ପୋଇ ଗୁଡ଼ିକର ସଂକ୍ଷିପ୍ତ ପରିଚୟ ପ୍ରଦତ୍ତ ହେଲା ।

ପଚିଶ ପୋଇ

ରାମାୟଣର ବିଷୟବସ୍ତୁ ଅବଲମ୍ବନରେ ଅରକ୍ଷିତ ଗୋବର୍ଦ୍ଧନ ଦାସ ଆନୁମାନିକ ଖ୍ରୀ: ଅ: ୧୭୨୦—୪୦ ମଧ୍ୟରେ ଗ୍ରନ୍ଥଟି ରଚନା କରିଥିଲେ । ଗ୍ରନ୍ଥର ମୋଟ ପୋଇ (ଛାନ୍ଦ) ସଂଖ୍ୟା ୨୫ ଓ ପ୍ରତ୍ୟେକ ପୋଇର ପଦ ସଂଖ୍ୟା ୨୫ ।

''ଜୟ ଅନାଦି ପୁରୁଷ ଅଜପା ଅଶେଷ
କ୍ଷିତିରକ୍ଷା ଅର୍ଥେ ଦେହ ଧରି ।
ବିଷ୍ଣୁ ଅଂଶେ ଅବତାର ପାଳଣେ ସଂହାର
ଯୁଗେ ଯୁଗେ ନର ତନୁ ଧରି ।

× × ×

Digitized by srujanika@gmail.com

ସେ ପ୍ରଭୁ ଚରଣେ ଶରଣ ।
ଅରକ୍ଷିତ ଗୋବର୍ଦ୍ଧନ ପଣେ ଶରଣ ॥"
(ଓଡ଼ିଶା ମ୍ୟୁଜିୟମ୍ ପୋଥି)

ଷୋଳ ପୋଇ

'ଷୋଳ ପୋଇ' ମଧ୍ୟ ପଚିଶ ପୋଇ ପରି ରାମାୟଣ ଚରିତ ଅବଲମ୍ବନରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଦ୍ୱାରା ରଚିତ । 'ଷୋଳ ପୋଇ'ରେ ଋଷ୍ୟଶୃଙ୍ଗଙ୍କ ଆଗମନ ଠାରୁ ରାମଚନ୍ଦ୍ରଙ୍କ ସ୍ୱର୍ଗ ଗମନ ସୁଦ୍ଧା ସମୁଦାୟ ରାମଚରିତ ଷୋଳଟି ପୋଇରେ ବର୍ଣ୍ଣିତ ହୋଇଛି । ଗ୍ରନ୍ଥର ଆରମ୍ଭରେ କବି ଉପେନ୍ଦ୍ରଭଞ୍ଜ ଲେଖିଛନ୍ତି—

"ଶୁଣ ସୁଜନେ ବିଚକ୍ଷ କଳ୍ପତରୁ ଶାସ୍ତ୍ର ଗ୍ରନ୍ଥ
ରାମାୟଣ ରାମାୟଣ ।
କଲେ ରାମ ରାମାୟଣ ନାମ ରାମାୟଣ
ଶିବ କହନ୍ତି ପାର୍ବତୀ ଶୁଣ ॥
ଶାସ୍ତ୍ର ଅଟେ ବାଲମିକି ସିଦ୍ଧ ବାଲମିକି
ପୁରାଣ ପୁରାଣ ପରସିଦ୍ଧି ।
ନାମ ଅଟେ ଷୋଳ ପୋଇ ପଦ ଷୋଳ ପୋଇ
ଷୋଳ ପୋଇରେ ସମସ୍ତ ବିଧି ॥
କବି କବି ବୀରବର ପଦେ ବୀରବର
ବୀରବର ପଦେ ବୀରବର ।
ଭଞ୍ଜ ଭଞ୍ଜ ଉପଇନ୍ଦ୍ର ଭଞ୍ଜ ଉପଇନ୍ଦ୍ର
ଉପଇନ୍ଦ୍ର ଇନ୍ଦ୍ର ଇନ୍ଦ୍ର ସାର ॥"

ବାର ପୋଇ

'ବାର ପୋଇ' ଖଣ୍ଡକାବ୍ୟଟି ବାର ଛାନ୍ଦରେ ଯୁଗ ଭଞ୍ଜଙ୍କ ଦ୍ୱାରା ରଚିତ ହୋଇଛି । ଏହା ଉପେନ୍ଦ୍ରଭଞ୍ଜଙ୍କ ନିଜର

Digitized by srujanika@gmail.com

ରଚନା ବୋଲି ଦକ୍ଷିଣ ଓଡ଼ିଶାରେ ଗୋଟିଏ କମ୍ବଦନ୍ତୀ ଶୁଣାଯାଏ । ଖଲ୍ଲିକୋଟରୁ ମିଳିଥିବା ଖଣ୍ଡିଏ ପୋଥିରେ "ଉପେନ୍ଦ୍ରଭଞ୍ଜଙ୍କ ବାର ପୋଇ ଲେଖନ" ବୋଲି 'ବାରପୋଇ' ର ଆରମ୍ଭରେ ଉଲ୍ଲେଖ କରାଯାଇଛି । ସମୁଦାୟ ଖଣ୍ଡକାବ୍ୟଟି ଯମକ ଅନୁପ୍ରାସ ପୂର୍ଣ୍ଣ ରସାଭିବ୍ୟଞ୍ଜକ ଅଟେ ।

"ହେଲା ଘନାଘନ କାଳ ବିରହୀଙ୍କ କାଳ
ଦମ୍ପତ୍ତି ହମ୍ପତ୍ତି ପ୍ରକାଶିଲା ।
ଘନ ଗଗନ ଚରଷି ନିଶିଦିନ ରସି
ଭାନୁ ସିତଭାନୁ ନ ଦିଶିଲା ।।

\+ + +

ଝାଙ୍କି ଝାଙ୍କି ଝଞ୍ଜାବାତ ବହିଲା ନିରତ
ଝର ଝର ନୀର ବରଷିଲା ।
ତରେ ଫୁଲ ଶର ଶରେ କାତରେ କାତରେ
ମାନରେ ମାନିନୀ ନ ରସିଲା ।।

\+ + +

ମହୀ ମହିଳା ପ୍ରସ୍ତର ଇନ୍ଦ୍ରଗୋପବାର
ସିନ୍ଦୂର ଚନ୍ଦନ ବିରଚିଲା ।
କହେ ଯୁଗ-ଭଞ୍ଜଭୂପ କମ୍ବୁଷ୍ଟ କଳାପ
ପଙ୍କଜରୁବର ପ୍ରକାଶିଲା ।।"

ଦଶପୋଇ

"ଦଶ ପୋଇ" ମଧ୍ୟ ଏହି ଯୁଗଭଞ୍ଜ ବା ଯୁବଭଞ୍ଜଙ୍କ ଦ୍ୱାରା ରଚିତ ହୋଇଛି । ଏହି ଗ୍ରନ୍ଥଟିକୁ ଓ. ସି. ଗାଙ୍ଗୁଲି, ମୟୂର-

Digitized by srujanika@gmail.com

ଭଞ୍ଜ ରାଜା ଦାମୋଦର ଭଞ୍ଜ ରଚନା କରିଛନ୍ତି ବୋଲି ଲେଖିଛନ୍ତି । କିନ୍ତୁ ଏହା ସମ୍ପୂର୍ଣ୍ଣ ଭ୍ରମାତ୍ମକ । ଏହି ଗ୍ରନ୍ଥରେ ଶ୍ରୀକୃଷ୍ଣଙ୍କ ଅର୍ଥରେ ପ୍ରୟୋଗ ହୋଇଥିବା 'ଦାମୋଦର' ପଦଟିକୁ ଲକ୍ଷ୍ୟକରି ଗାଙ୍ଗୁଲି ମହାଶୟ ଉକ୍ତ ଗ୍ରନ୍ଥର ପ୍ରଣେତା ଦାମୋଦର ଭଞ୍ଜ ବୋଲି ଲେଖିଛନ୍ତି ।

"ଋତୁ ବସନ୍ତ ସମସ୍ତ ଅତି ରସମସ୍ତ
ପ୍ରବେଶ ଆବେଶ ଚଣ୍ଡ ଭଙ୍ଗି ।
କୁହୁ କୁହୁ କରି ପିକେ ଡାକିଲେ କାମୁକେ
କାମ କୋହ ଘଟାଇବା ପାଇଁ ॥

\+ \+ \+

ଦେଲି ଫୁଟାଇ ସୁନାଗ ନଳୀ କରେ ଧରି
ନାଗେଶ୍ୱର କଳି ଗୁଳି କିବା ।
ହଳଦି ଚମ୍ପକ ପରାଗ ପଡ଼ିବାରୁ ଅଙ୍ଗ
ଇଷି କରି ଚମକିଲେ ଯୁବା ॥

\+ \+ \+

ସେ ସୁରତ ସୁରତରୁ ତରୁଣୀରତ୍ନ ରମ୍ଭୋରୁ
ଚତୁର୍ଦ୍ଦଶୀ ପ୍ରାନ୍ତରୁ ଉଠିଣ ବସିଲା ।
ପୂଜିବା ପାଇଁ ସୁମନଶରକୁ ବେଗେ ଗମନ
ତୋଳିବା ପାଇଁ ସୁମନ ମନ ରସିଲା ।
ସଙ୍ଗ ସ୍ନେହ କରି ସଜନୀ
ମଣ୍ଡିଲ ମହାମଣ୍ଡଣୀ ବନ ଅବନୀ" ॥

Digitized by srujanika@gmail.com

ସାତ ପୋଇ

କବି ସତ୍ୟବାଦୀ ଦାସଙ୍କ ପୋଇର ପ୍ରଚଳିତ ରୀତି ଅକ୍ଷୁଣ୍ଣ ରଖି ବିଷ୍ଣୁଙ୍କ ଜଣାଣ 'ସାତ ପୋଇ' ନାମକ ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି ।

''ଅନନ୍ତ ହେ ଦୟାକର ସର୍ବ ବିଘ୍ନହର
　　　　ମୋ ଜଣାଣ ଯେନ ଦ୍ରବୀଟବେ ।
ଅନବରତରେ ମାୟା ଘୋଟିଅଛୁ କାୟା
　　　　ବିନାଶ କୃପାକର କିଂୟତେ ॥
ଆଜନମୁ ମୁହିଁ ପାପ କରିଛି ଅମାପ
　　　　କିଛୁ ହେବ ଲୋପ ଏ ସବୁଛି ।
ଆଜଯାଏଁ କିଛୁ ସୁଖ ନାହିଁ ପଦ୍ମମୁଖ
　　　　ଦୁଃଖ ଜଳଧିରେ ମୁଁ ଭସୁଛି ॥''

ଛ' ପୋଇ

ଭ୍ରମରବର ସାମନ୍ତସିଂହ 'କ' ଠାରୁ ଆରମ୍ଭ କରି 'କ୍ଷ' ପର୍ଯ୍ୟନ୍ତ ଚଉତିଶା ନିୟମରେ ବିଷ୍ଣୁଙ୍କ ଜଣାଣ ମୂଳକ 'ଛ'ପୋଇ' ଗ୍ରନ୍ଥଟି ଲେଖିଛନ୍ତି । କବି ପୂର୍ବୋକ୍ତ ପୋଇ ନିୟମ ଅକ୍ଷୁଣ୍ଣ ରଖିବା ସଙ୍ଗେ ସଙ୍ଗେ ଚଉତିଶା ନିୟମଟିକୁ ଅନ୍ୟ ପୋଇ ପ୍ରଣେତାଙ୍କ ଅପେକ୍ଷା ଅଧିକ ସଂଯୋଗ କରିଛନ୍ତି ।

''କର କରୁଣା ବଦନ ହେ ରାଧାମୋହନ
　　　　ହେବି ପଦ୍ମ ପାଦେ ପରିକର ।
କର୍ମହୀନ ଜନ ମୁଁ ହେଲି ଆଜନମୁ
　　　　ଦୁଃଖ ହରି ମୋର ଦୂର କର ହେ ॥

Digitized by srujanika@gmail.com

ଖର ଦୂଷଣ ନାଶନ ହେ ପୀତବସନ
ତୁମ୍ଭେତ ରକ୍ଷକ ନରହର ।
ଖରତର ମୋର ଶର ସୁକୃତ କର୍ତ୍ତିତ
ନାହିଁ ବଞ୍ଚେ ଯେହ୍ନେ ଗଜଖର ହେ ।”

‘ଛ’ ପୋଇ

ବସନ୍ତ ସମ୍ପୁଟରେ ରାଧାଙ୍କ ଚରଣରେ ଆତୁର ହୋଇ ଶ୍ରୀକୃଷ୍ଣ ରାଧାଙ୍କ ପୁରରେ ପ୍ରବେଶ ହୋଇ ଅପମାନିତ ହେଲେ । ତା’ ପରେ ବ୍ରହ୍ମାଙ୍କ ଆଦେଶରେ ବେଣୁ ବଜାଇ ରାଧାଙ୍କ ଗର୍ବ ଗଞ୍ଜନ ପୂର୍ବକ ତାଙ୍କ ସହିତ କୁଞ୍ଜବନରେ କେଳି କଲେ । ଏହି ବିଷୟ-ବସ୍ତୁକୁ ନେଇ କବି ଅଚ୍ୟୁତ ଦାସ (ଅଚ୍ୟୁତ ଗୋକୁଳସ୍ୱ ଚୂଡ଼ାମଣି (?) ‘ଛ’ପୋଇ’ ନାମକ ଖଣ୍ଡକାବ୍ୟ ରଚନା କରିଛନ୍ତି ।

“ପ୍ରଭୁ ରାଧା ପାଖେ ମିଳି ମନେ ମନେ ଭାଳି
କୋମଳ ବଚନ ଧୀରେ କହୁ ।
ମୁଁ ତୋ ମଦନ ସାଗରେ ବୁଡ଼ିଲି ଗର୍ଭରେ
ବାରେ ପ୍ରତିକାର କର ସହୁ !
× × ×
ଏତେବୋଲି ଦେବରାଜ ଛାଡ଼ି ସର୍ବଲାଜ
ରାଧାର ପାଦ ଧଇଲେ ଯାଇ !
ସେ ଯେ ଅତି ମାନମତ୍ତ ପାମର ଯୁବତୀ
ପାଲଟି ଲତେ ପ୍ରହାରେ ନେଇ ।।”

ଏତଦ୍ବ୍ୟତୀତ ପ୍ରସ୍ତୁତ ଗ୍ରନ୍ଥ ‘ନଂପୋଇ’ଟି ଅନ୍ୟତମ କୃଷ୍ଣ-ଲୀଳାମୂଳକ ପୋଇ ଗ୍ରନ୍ଥ । ରାଧାକୃଷ୍ଣଙ୍କ ଲୀଳା ସମ୍ବନ୍ଧୀୟ ଅନ୍ୟ

Digitized by srujanika@gmail.com

କେତେକ 'ପୋଈ', 'ବୋଲି' ପରି ଏ ଗ୍ରନ୍ଥର ବିଷୟ ବସ୍ତୁ ମଧ୍ୟ କବିଙ୍କ କଳ୍ପନା ପ୍ରସୂତ ।

ଗୌଡ଼ୀୟ ଧର୍ମର ବହୁପ୍ରଚାର ଫଳରେ ଏ ଦେଶରେ ରାଧାକୃଷ୍ଣଙ୍କ ପ୍ରେମଲୀଳାର ଆଦର ଦିନକୁ ଦିନ ବଢ଼ିବାକୁ ଲାଗିଲା । ଓଡ଼ିଶାରେ 'ଗୋପୀନାଥ କୃଷ୍ଣ'ଙ୍କର ଉପାସନା ପ୍ରଚଳିତ ଥିଲେ ହେଁ ରସିକାନନ୍ଦ ଗୋସ୍ୱାମୀ ଓ ବଳଦେବ ବିଦ୍ୟାଭୂଷଣଙ୍କ ପ୍ରଚାର ଫଳରେ ଏ ଦେଶରେ ରାଧାକୃଷ୍ଣଙ୍କ ଉପାସନା ଓ ତତ୍ସମ୍ବନ୍ଧୀୟ କାବ୍ୟରଚନାର ପ୍ରଖର ସ୍ରୋତ ବହିଲା । ରାମଚନ୍ଦ୍ରଙ୍କ ପରି ଏକନିଷ୍ଠ ପିତୃଭକ୍ତପରାକ୍ରମଶାଳୀ ସତ୍ୟସନ୍ଧ ଏକପତ୍ନୀନିରତ ଆଦର୍ଶ ପୁରୁଷ ଓ ସୀତାଙ୍କ ପରି ସତୀ ସାଧ୍ୱୀ ଆଦର୍ଶ ମହିଳାଙ୍କ ଜୀବନ ଚରିତ ଅବଲମ୍ବନରେ ରଚିତ କାବ୍ୟ ଅପେକ୍ଷା; ବୃନ୍ଦାବନରେ ରାଧାକୃଷ୍ଣଙ୍କ ଅଦ୍ଭୁତ ପ୍ରେମାଳାପ ମୂଳକ କାବ୍ୟ ପାଠ କରିବା ଲାଗି ଜନତାର ଅଭିରୁଚି ତଥା ଅପୂର୍ବ ଉତ୍ସାହ ଜାଗ୍ରତ ହେଲା । ପାଠକଙ୍କର ଅଭିରୁଚି ଅନୁଯାୟୀ ଏ ଦେଶର କବିମାନେ ରାଧାକୃଷ୍ଣଙ୍କ ପ୍ରେମାଖ୍ୟାନ-ମୂଳକ ରଚନାରେ ଓଡ଼ିଆ ସାହିତ୍ୟର ଭଣ୍ଡାରକୁ ପରିପୂର୍ଣ୍ଣ କରିଦେଲେ ।

ସେହି ପରମ୍ପରାର ଅଖଣ୍ଡ ସ୍ରୋତରେ ଭାସି କବି କଣ୍ଠଦାସ (ବିପ୍ରମାଳକଣ୍ଠ ଦାସ ?) 'ନ'ପୋଈ' ନାମକ ରାଧାକୃଷ୍ଣ ଲୀଳାତ୍ମକ ଏକ ଖଣ୍ଡକାବ୍ୟ ରଚନା କଲେ । କଣ୍ଠଦାସ ସପ୍ତଦଶ ଶତାବ୍ଦୀର ଶେଷାର୍ଦ୍ଧର କବି ହୋଇଥିବାରୁ ତାଙ୍କ ବର୍ଣ୍ଣନାରେ ପରବର୍ତ୍ତୀ-କାଳୀନ କୃଷ୍ଣକାବ୍ୟର ବର୍ଣ୍ଣନାପରି ଆଦିରସର ନଗ୍ନଚିତ୍ର ବେଶୀ ଦେଖିବାକୁ ମିଳେନାହିଁ । ରାଧାଙ୍କ ଠାରେ କାମାତୁର କୃଷ୍ଣଙ୍କର ପ୍ରଣୟ ଭିକ୍ଷା ମଧ୍ୟ କବିଙ୍କ ଦ୍ୱାରା ଖୁବ୍ ସଂଯତ ପୂର୍ଣ୍ଣ ଭାଷାରେ ବର୍ଣ୍ଣନା କରାଯାଇଛି ।

Digitized by srujanika@gmail.com

"ଆଜିର ଦିବସ ହେଳ ମୋତେ ଯଶ
ଭେଟିଛୁ ତରୁଣୀ ଶିରୋମଣୀ ।
କାମୀକାମ ଅଙ୍ଗୀ ଯାଞ୍ଚା ମଗା ମଗି
ଫେଡ଼ିକ କହୁବ ପୀନସ୍ତନ !"

(ତୃତୀୟ ପୋଇ, ଚତୁର୍ଥ ପଦ)

ରାଧାକୃଷ୍ଣ ପରସ୍ପର ନିବିଡ଼ ଆଶ୍ଳେଷରେ ଏକ ଅଙ୍ଗ ହୋଇଯିବା ସମୟରେ ମଧ୍ୟ କବି ନିଜ ଭାଷାର ଶାଳୀନତା ରକ୍ଷା କରିବାରେ ପଶ୍ଚାତ୍‌ପଦ ହୋଇ ନାହାଁନ୍ତି ।

"କନକ ନିର୍ମିତ ଘନେ କି ଜଡ଼ିତ
ଗଙ୍ଗା ସାଗର କି ମିଶା ମିଶି ।
ବେନି ମନ ତାପ ଧେନିଣ କନ୍ଦର୍ପ
ପଳାବନ୍ତେ ମନ ସୁଖେ ରସି ॥
କୁଚରେ କଜ୍ଜଳ କମଳେ ଭ୍ରମର
ବେନି ଅଙ୍ଗ ଏକ ନିବିଡ଼ରେ ।
ବିପ୍ରକଣ୍ଠୁ ଦାସ ଭଜେ ପୀତବାସ
ସ୍ଥାନ ଦାଅ ସେବେ ନିରନ୍ତରେ ॥"

(ନବମ ପୋଇ, ଅଷ୍ଟମ ଓ ନବମ ପଦ)

କବି, ସମୁଦାୟ ଗ୍ରନ୍ଥ ମଧ୍ୟରେ କେବଳ ଗୋଟିଏ ସ୍ଥାନରେ ଚୁମ୍ବନ, ନଖକ୍ଷତ, ଦନ୍ତଘାତ ଆଦି ଶବ୍ଦ ବ୍ୟବହାର କରିଛନ୍ତି । ଅନ୍ୟଥା ଅନ୍ୟ କୌଣସି ସ୍ଥାନରେ ତଥାକଥିତ ଅଶ୍ଳୀଳ ବୋଧକ ଶବ୍ଦର ବ୍ୟବହାର କରି ନାହାଁନ୍ତି ।

Digitized by srujanika@gmail.com

"ରଖ ବା ନରଖ ମୁଂ ତୋ କିଣା ଲୋକ
                    ଚୁମ୍ବ ଦେଇ କାମ ଜସ୍ମ ଖଣ୍ଡ ।
ଅଙ୍ଗେ ନଖ କ୍ଷତ ଗଣ୍ଡେ ଦନ୍ତ ଘାତ
                    ଉରକେ ଲଗାଇ ଭୁଜେ ଛନ୍ଦ ॥"
(ଚତୁର୍ଥ ପୋଈ, ତୃତୀୟ ପଦ)

କବି କଣୁଦାସଙ୍କ ସମ୍ପର୍କରେ ସମାଜରେ ଅନାସ୍ଥା ପ୍ରୀତି ଜାତ ହୋଇ ଥିବାରୁ 'ନ'ପୋଈ'ର ରାଧାଙ୍କ ମୁଖରେ କବି କୃଷ୍ଣଙ୍କ ପ୍ରତି ସେ ପ୍ରକାର ସମାଜ ବିରୋଧୀ ଆଚରଣ ନିମିତ୍ତ ଭର୍ତ୍ସନା ବାକ୍ୟ ଶୁଣାଇଛନ୍ତି । ଏବଂ ପରପୁରୁଷର ସମ୍ଭାଷା ବେଳେ ବିବାହିତା ନାରୀର ମନରେ କିପ୍ରକାର ପ୍ରତିକ୍ରିୟା ସୃଷ୍ଟି ହୁଏ କବି ତାହାମଧ୍ୟ ବର୍ଣ୍ଣନା କରିବାରେ ପଶ୍ଚାତ୍‌ପଦ ହୋଇ ନାହାନ୍ତି ।

"ତନୁ ଝମ ଝମ ହସ୍ତା ଦମଦମ
                    ତମତମ କଲା ଚନ୍ଦ୍ରମୁଖ ।
ଚକିତେ ରୁହଁଇ ବୁଦ୍ଧି ନ ଦିଶଇ
                    ନିଃଶ୍ୱାସ ବହଇ ଖରତରେ ।
କାତରେ କମ୍ପଇ ନସ୍ତୁରେ କହଇ
                    ସ୍ୱେଦ ବୃଦ୍ଧି ହୋଇଲା କାହୁଁ ତୋ ଠାରେ ॥

× × ×

କି କହିବ ତୋତେ କଷ ଲାଜ ମୋତେ
                    ଶୁଣିଲ ଅଭାଗ୍ୟ ମୋର ସ୍ନେହ ।
ବିପ୍ର କଣୁଦାସ ଭଣେ ପୀତବାସ
                    (ରାଧା) ମୁଖ ପୋଛି ଗଣ୍ଡେ କର ଦେଇ ॥"
(ତୃତୀୟ ପୋଈ, ୬ଷ୍ଠ, ୭ମ, ଓ ୯ମ ପଦ)

Digitized by srujanika@gmail.com

କେବଳ ସେତିକ ନୁହେଁ; ରାଧା ଯେ ଗୋଟିଏ ଆଭିଜାତ୍ୟ ବଂଶର ବୋହୂ ଥିଲେ ଏବଂ ଏ ପ୍ରକାର ପ୍ରେମ ସମ୍ଭାଷଣ ଦ୍ୱାରା ତାଙ୍କ ମହତ୍ତ୍ୱରେ ବାଧା ଆସିବା ସଙ୍ଗେ ସଙ୍ଗେ ଶ୍ରୀକୃଷ୍ଣ "ଗଗନର ଚନ୍ଦ"କୁ ଧରିବା ପାଇଁ ଓ "ପବନକୁ ଫାନ୍ଦ"ରେ ଧରି ରଖିବା ପାଇଁ ଯେ ଇଚ୍ଛା କରୁଛନ୍ତି; ଏହା ରାଧାଙ୍କ ଉକ୍ତିରେ କବି ସ୍ପଷ୍ଟରୂପେ ସୂଚାଇ-ଛନ୍ତି ।

"ନାନା ଛଳ ହୋନ୍ତି ମୋହନୀ ଲଗାଇ
ବଳେ ହରି ନେଉ ପର ନାରୀ ।
ପବନକୁ ଫାନ୍ଦ ଗଗନର ଚନ୍ଦ
କେହ୍ନା ନେଉଅଛୁ କରେ ଧରି"

(ପଞ୍ଚମ ଚପାଣ୍ଡ, ଚତୁର୍ଥ ପଦ)

ଆହୁରିମଧ୍ୟ, ରାଧା ବଂଶୀସ୍ୱନ ଶୁଣି କୃଷ୍ଣଗତମନା ହୋଇ ଏକାନ୍ତ ମିଳନ ନିମିତ୍ତ ଉଚ୍ଛନ୍ନ ହେଉଥିବା ବେଳେ କବି ଦୂତୀ ମୁଖରେ କୁଳ ଭୂଆସୁଣୀର କର୍ତ୍ତବ୍ୟ ସମ୍ବନ୍ଧରେ ସୂଚନା ଦେବାରେ ଆଦୌ ଭୁଲି ନାହାନ୍ତି ।

"ପଲଙ୍କେ ନରହୁ ଘର କୁଳବଧୂ
କାହିଂ ରଖିଅଛୁ ଚୋର ମଧ ।

× × ×

ଶୁଣିଣ ଦୂତିକା ହୋଇଣ ତାଟକା
ଗାଲେ ହସ୍ତ ଦେଇ କହୁଅଛି ।

Digitized by srujanika@gmail.com

ନବ କୁଳବତୀ ପତିପ୍ରାଣା ସତୀ
କାହ୍ନୁଂ ତୋ ସ୍ନେହ ବୃଦ୍ଧି କି ଦୃଢ଼ୁଅଛୁ ।।
କୁଳରେ କଳଙ୍କୀ ହୋଇବୁରେ ସଖି !
ନ ବୋଲ ବୋଲିବେ ଗୋପ ଲୋକେ ।"

(ସପ୍ତମ ପୋଇ, ସପ୍ତମ ଓ ଅଷ୍ଟମ ପଦ)

ଅଚ୍ୟୁତ ଦାସ ଙ୍କ 'ଛ' ପୋଇ' ଓ କଣ୍ଠଦାସ ଙ୍କ 'ନ' ପୋଇ'

ଅଚ୍ୟୁତ ଦାସଙ୍କ 'ଛ'ପୋଇ' ଓ କଣ୍ଠ ଦାସଙ୍କ 'ନ'ପୋଇ'' ର ବିଷୟ ବସ୍ତୁ ପ୍ରାୟ ଏକ ବୋଲି ପୂର୍ବ ଆଲୋଚନାରୁ ସ୍ପଷ୍ଟ ହୁଏ । ଉଭୟ ଗ୍ରନ୍ଥରେ, ରାଧାଙ୍କଠାରୁ ଅପମାନ ପାଇବା ପରେ ଶ୍ରୀକୃଷ୍ଣଙ୍କ ବେଣୁ ବାଦନ ଓ ବେଣୁ ସ୍ୱନ ଶୁଣି କୁଞ୍ଜବନକୁ ଦୂତିକା ସହିତ ରାଧାଙ୍କ ଅଭିସାର ମୂଳକ ବିଷୟବସ୍ତୁ ରହିଛି । କିନ୍ତୁ 'ନ'ପୋଇ'ରେ, ଶ୍ରୀକୃଷ୍ଣ ଅପମାନିତ ହୋଇ କାମ ଦେବଙ୍କୁ ପୂଜା କରିବା ପରେ ରାଧାଙ୍କ ଉଚ୍ଚାଟନ ନିମିତ୍ତ ବଂଶୀ ବଜାଇବା ବିଷୟ ଉଲ୍ଲେଖ ଅଛି ଏବଂ "ଛ'ପୋଇ"ରେ ରାଧାପୁରରୁ ପାଦ ପ୍ରହାର ଦ୍ୱାରା ଅପମାନିତ ହେଲ ପରେ ବ୍ରହ୍ମାଙ୍କ ଦ୍ୱାରା ଆଦିଷ୍ଟ ହୋଇ ରାଧାନାମ ଧରି ବଂଶୀ ବଜାଇବା ପ୍ରସଙ୍ଗ ବର୍ଣ୍ଣିତ ହୋଇଛି । ଅନ୍ୟଥା ରାଧାକୃଷ୍ଣଙ୍କ ଉକ୍ତି ପ୍ରତ୍ୟୁକ୍ତି ଆଦି ବିଷୟ ବର୍ଣ୍ଣନାରେ ଉଭୟ ଗ୍ରନ୍ଥର ପାଠ ମଧ୍ୟରେ ପ୍ରାୟ ସମାନତା ରହିଛି । ଉଦାହରଣ ସ୍ୱରୂପ ଦୁଇଟି ଉଦ୍ଧୃତାଂଶ ଏଠାରେ ପ୍ରଦତ୍ତ ହେଲା ।

"ମଦନ ଆରତେ ଦେବ ଗୋପିନାଥ
ରାଧା ମନ୍ଦିରେ ମିଳିଲେ ଯାଇ"
(ଛ'ପୋଇ)

Digitized by srujanika@gmail.com

"ବସ୍ତ୍ରହରଣ ଛଳେ ମଦନ ଅଉରେ
ଧୀରେ ଯାଇଂ ରାଧା ପାଶେ ମିଳି ।"
(ନ'ପୋଇ)

"ରଜନୀ ପାହିଲେ ରାଜାଙ୍କୁ କହିଲେ
ଅବଶ୍ୟ ଏଥି ହୋଇବ ଦ୍ୱନ୍ଦ ।
ସମ୍ପଦ ସବେ ସମସ୍ତେ ମରିବ
ତୋହ ଯୋଗୁ ନାଶଯିବ ନନ୍ଦ ॥"
(ଛ' ପୋଇ)

"ଦୁଷ୍ଟ କଂସ ରାଜା ବଡାଇ ତରିକା
ଜାଣିଲେ ସେ ଘର ନେବ ବନ୍ଧି ।
ନନ୍ଦଙ୍କୁ ଧରିବ ସମ୍ପଦ ହରିବ
ତୋହ ଯୋଗୁଂ ନାଶ ଯିବ ମୁନ୍ଧିଂ ॥"
(ନ' ପୋଇ)

'ଛ'ପୋଇ'ର ପ୍ରଣେତା ଅଚ୍ୟୁତ ଦାସ ପଞ୍ଚସଖା ଅଚ୍ୟୁତ ନୁହନ୍ତି । ସେ ନିଜ ନାମ ଅଚ୍ୟୁତ ଗୋକୁଳ ରସ୍ତୁ ଚୂଡ଼ାମଣି [?] ବୋଲି ଉକ୍ତ ଗ୍ରନ୍ଥର କେତୋଟି ସ୍ଥାନରେ ଉଲ୍ଲେଖ କରିଛନ୍ତି । ତା'ପରେ ଏହାଙ୍କ ଭାଷାରେ ମଧ୍ୟ ପ୍ରାଚୀନତାର ଆଭାସ ମିଳେ ନାହିଁ । ତେଣୁ ଏହାଙ୍କ ସମୟ ନିଶ୍ଚୟ ଅଷ୍ଟାଦଶ ଶତାବ୍ଦୀର ପୂର୍ବବର୍ତ୍ତୀ ହେବା ସମ୍ଭବ ନୁହେଁ । ଏହିସବୁ ଦୃଷ୍ଟିରୁ କଣ୍ଠଦାସଙ୍କ 'ନ'ପୋଇ'ର ପ୍ରଭାବ ଏହାଙ୍କ ଉପରେ ପଡିଥିବା ସମୀଚୀନ ବୋଲି ମନେ ହୁଏ ।

କଣ୍ଠଦାସଙ୍କ ସମୟ ଓ ଅନ୍ୟ ରଚନା

କଣ୍ଠଦାସ ବୋଲି ଜଣେ ବ୍ୟକ୍ତିର ନାମ ହେବା ଅସମୀଚୀନ ପରି ବୋଧହୁଏ; ଏହା ନୀଳକଣ୍ଠ ନାମ ଧାରୀଙ୍କ ଡାକ ନାମ ହୋଇ

Digitized by srujanika@gmail.com

ଥିବା ସମ୍ଭବ ! ପୂର୍ବରୁ ଯେଉଁ "ନୀଳକଣ୍ଠ" ଖାଡ଼ଙ୍ଗଙ୍କ ନାମ ଉଲ୍ଲେଖ କରା ଯାଇଛି, ତାଙ୍କ ନାମ କଣ୍ଠ ଖାଡ଼ଙ୍ଗା ଥିବାର ପ୍ରମାଣ ସେହି 'ଶବ୍ଦ ପଦଆ' ପୋଥିରୁ ମିଳୁଛି ବୋଲି ଉକ୍ତ ଗ୍ରନ୍ଥର ଆଲୋଚକ ମତ ଦେଇଛନ୍ତି । 'ଖାଡ଼ଙ୍ଗା' ପଦବୀଟି ବ୍ରାହ୍ମଣ ପଦବୀ ହୋଇ ଥିବାରୁ ତଥା କବି ନିଜ ନାମକୁ "ଉଡ଼ିଲେ ନୀଳକଣ୍ଠ ଭୂମିଦେବ" ବୋଲି ଉଲ୍ଲେଖ କରିଥିବାରୁ ତାଙ୍କୁ 'ନ' ପୋଥି'ର ପ୍ରଣେତା କଣ୍ଠଦାସଙ୍କ ସହିତ ଚିହ୍ନିତ କରାଇବା ଅସଙ୍ଗତ ନୁହେଁ । କାରଣ 'ନ' ପୋଥି'ର ପ୍ରଣେତା ମଧ୍ୟ ବ୍ରାହ୍ମଣ ଥିଲେ ବୋଲି ଉକ୍ତ ଗ୍ରନ୍ଥରୁ ଜଣାଯାଏ ("ବିପ୍ର କଣ୍ଠ ଦାସ ଭଣେ ଚିତବାସ") ।

ଏତଦ୍‌ବ୍ୟତୀତ 'ସମାର୍ଜନ ଚନ୍ଦ୍ରିକା' ନାମକ ଏକ ଗ୍ରନ୍ଥର ପ୍ରଣେତା ବିପ୍ର ନୀଳକଣ୍ଠ ଥିବାର ଜଣାଯାଏ । ଉକ୍ତ ଗ୍ରନ୍ଥରେ ମଧ୍ୟ 'ନ'ପୋଥି'ରେ ବ୍ୟବହୃତ ପ୍ରାଚୀନ ଶବ୍ଦ ପରି ଅନେକ ପ୍ରାଚୀନ ଶବ୍ଦର ସମାବେଶ ହୋଇଥିବାର ଦେଖାଯାଏ । ଉକ୍ତ ଗ୍ରନ୍ଥଟି କଳିକୋଟ ଅଞ୍ଚଳରୁ ପଣ୍ଡିତ ଶ୍ରୀଯୁକ୍ତ ବାଇକୋଳି ଜ୍ୟୋତିଷ ବିଶାରଦଙ୍କ ଦ୍ୱାରା ସଂଗୃହୀତ; ଏବଂ ଉକ୍ତ ଗ୍ରନ୍ଥର ନକଲ ସମୟ ଶକାବ୍ଦ ୧୭୪୯ ବା ଖ୍ରୀ: ଅ: ୧୮୨୭ ରେ ହୋଇଥିବାରୁ ତାହାର ମୂଳରଚନା ସପ୍ତଦଶ ଶତାବ୍ଦୀର ଶେଷ ଭାଗରେ କିମ୍ବା ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ଭାଗରେ ହୋଇଥିବାର ଅନୁମାନ କରାଯାଏ । ତେଣୁ 'ନ'ପୋଥି' 'ଶବ୍ଦ ପଦଆ' ଓ 'ସମାର୍ଜନ ଚନ୍ଦ୍ରିକା' ଆଦି ଗ୍ରନ୍ଥର ଲେଖକ ନୀଳକଣ୍ଠ ଦାସ ବା କଣ୍ଠ ଦାସ [ନୀଳକଣ୍ଠ ଖାଡ଼ଙ୍ଗା ବା କଣ୍ଠ ଖାଡ଼ଙ୍ଗା] ଙ୍କୁ ଏକ ବ୍ୟକ୍ତି ବୋଲି, ଅନ୍ୟ ପ୍ରମାଣ ଉପଲବ୍ଧ ହେବା ଯାଏ, ଚିହ୍ନିତ କରିପିବାରେ ଅସମୀଚୀନତା ପରିଲକ୍ଷିତ ହୁଏ ନାହିଁ ।

Digitized by srujanika@gmail.com

କଣ୍ଠ ଦାସଙ୍କ ସମୟ ସମ୍ବନ୍ଧରେ 'ନ' ଗୋଷ୍ଠୀ' ଆଦି ଗ୍ରନ୍ଥରେ କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ନଥିବାରୁ, ଅନ୍ୟାନ୍ୟ ଗ୍ରନ୍ଥରୁ ମିଳୁଥିବା ପ୍ରମାଣ ଦ୍ୱାରା ତାଙ୍କର ଆନୁମାନିକ ସମୟ ସମ୍ବନ୍ଧରେ ଗୋଟିଏ ଧାରଣା ଦିଆ ଯାଇ ପାରେ ।

ପ୍ରସିଦ୍ଧ କୃଷ୍ଣ କାବ୍ୟର ରଚୟିତା ଦାଶରଥି ଦାଶ (୫) ନିଜ ଗୁରୁଦେବଙ୍କ ନାମ 'କଣ୍ଠଦାସ ଗୋସାଇଁ' ବୋଲି ସ୍ୱରଚିତ 'ବ୍ରଜ-ବିହାର' ଗ୍ରନ୍ଥର ଦ୍ୱିତୀୟ, ଚତୁର୍ଥ ଓ ଷଷ୍ଠ ବୋଲିରେ ଉଲ୍ଲେଖ କରିଛନ୍ତି ।

"ଗୁରୁଦେବ କଣ୍ଠ ଦାସ ପଦେ ସେବି ।"
(ଦ୍ୱିତୀୟ ବୋଲି)

× × ×

"କଣ୍ଠଦାସ ଗୋସାଇଁଙ୍କ ଚରଣ ଆଶ୍ରୟେ ।
ଦାଶରଥି ଦାସର ଯେ ସ୍ଫୁରିତ ହୃଦୟେ ॥"
(ଚତୁର୍ଥ ବୋଲି)

× × ×

"ଶ୍ରୀଗୁରୁ କଣ୍ଠଦାସ ଚରଣ ପ୍ରସାଦୁ ।"
(ଷଷ୍ଠ ବୋଲି)

ଦାଶରଥି ଦାଶ ଖ୍ରୀଃ ଅଃ ୧୭୧୬।୧୭ରେ 'ବ୍ରଜବିହାର' ଲେଖି ତହିଁରେ ନିଜ ଗୁରୁଦେବ କଣ୍ଠଦାସ ଗୋସାଇଁଙ୍କ ନାମ

---

(୫) 'ନବ ଜୀବନ' ଦ୍ୱିତୀୟ ବର୍ଷ ଏକାଦଶ ସଂଖ୍ୟାରେ ପ୍ରକାଶିତ 'ବ୍ରଜ ବିହାରର ରଚୟିତା ଦାଶରଥି ଦାସ' ଶୀର୍ଷକ ଆଲୋଚନା ଦ୍ରଷ୍ଟବ୍ୟ—

Digitized by srujanika@gmail.com

ଉଲ୍ଲେଖ କରିଛନ୍ତି । ଦାଶରଥିଙ୍କ ଗୁରୁ କଣ୍ଠଦାସ ଓ 'ନ' ପୋଥି' ଆଦିଗ୍ରନ୍ଥର ଲେଖକ ନୀଳକଣ୍ଠ ଦାସ ବା କଣ୍ଠଦାସ ଏକ ବ୍ୟକ୍ତି ବୋଲି ମନେହୁଏ ।

'ବ୍ରଜବିହାର'ର ରଚନା ସମୟକୁ ଦାଶରଥି ଦାସଙ୍କୁ ଅନ୍ୟୂନ ୩୦ ବର୍ଷ ବୟସ ହୋଇଥିଲେ, ସେତେବେଳକୁ ତାଙ୍କ ଗୁରୁଦେବ କଣ୍ଠଦାସଙ୍କୁ ଅନ୍ୟୂନ ୫୦ । ୬୦ ବର୍ଷ ବୟସ ହୋଇଥିବ; ଏବଂ ସେ ଅନେକ ଗ୍ରନ୍ଥର ପ୍ରଣେତା ରୂପେ ଖ୍ୟାତିଲାଭ କରିଥିବେ । ଅନ୍ୟଥା ତାଙ୍କ ଚରଣକୁ ଆଶ୍ରୟ କରି କେବେହେଲେ ଦାଶରଥି ଦାସ 'ବ୍ରଜବିହାର' ପରି ଏକ ବିରାଟ ଗ୍ରନ୍ଥ ଲେଖିବାରେ ପ୍ରବୃତ୍ତ ହୋଇ ନଥାନ୍ତେ ! ତେଣୁ ନିର୍ଦ୍ଦିଷ୍ଟ ପ୍ରମାଣ ମିଳିବା ପର୍ଯ୍ୟନ୍ତ; କଣ୍ଠଦାସଙ୍କ ସମୟ ଅନ୍ତତଃ ଖ୍ରୀ: ଅ: ୧୬୫୦—୧୬୬୦ ବୋଲି ଅନୁମାନ କରାଯାଇ ପାରେ !

କେବଳ ସେତିକି ନୁହେଁ; 'ନ'ପୋଥି'ରେ ବ୍ୟବହୃତ ଝୁରନ୍ତି, ଚଳିବେ, ଅଇଲ, ସିଙ୍ଗାର, ଅପୂବ, ଭ୍ରୁକ୍ଷନା, ଅବେଖର ଗୁଆଂର, ତିରଣ, ଜାଣିମେ, ତୃବାଦ, ମୁଗାଠ, ଘାସ୍ପେ, ନିକ, ଜାଣିମି, ଆଦି ପ୍ରାଚୀନ ଶବ୍ଦରୁ କବିଙ୍କ 'ନ'ପୋଥି' ସପ୍ତଦଶ ଶତାବ୍ଦୀର ଶେଷ ଭାଗର ରଚନାବୋଲି ଧାରଣା କରି ହୁଏ । କବି 'ନ' ପୋଥି' ପ୍ରଭୃତି ଗ୍ରନ୍ଥ ଲେଖି ଓଡ଼ିଆ ସାହିତ୍ୟର ଗନ୍ତାଘର ପୂରଣ କରିବା ସଙ୍ଗେ ସଙ୍ଗେ ଓଡ଼ିଶାବାସୀଙ୍କର ଚିର ନମସ୍ୟ ହୋଇଛନ୍ତି ।

ମୂଳ ପାଠରେ ଦିଆ ଯାଇଥିବା 'କ', 'ଖ' ଓ 'ଗ' ପୋଥିର ପାଠ ଭେଦ ସମ୍ବନ୍ଧରେ ଏତିକି କୁହାଯାଇ ପାରେ ଯେ, କବିଙ୍କ

Digitized by srujanika@gmail.com

ରଚନା ପରେ, ସମୟ ଅନୁସାରେ ବହୁ ଶିକ୍ଷିତ ଓ ଅର୍ଦ୍ଧ ଶିକ୍ଷିତ ବ୍ୟକ୍ତିଙ୍କ ଦ୍ୱାରା ଗ୍ରନ୍ଥ ଗୁଡ଼ିକର ନକଲ କରାଯାଇ ଥିବାରୁ ଏପରି ପାଠ ଭେଦ ସମ୍ଭବ ହୋଇଛି । ତେଣୁ ପ୍ରସ୍ତୁତ ସମ୍ପାଦନାରେ ମୂଳ-ପାଠରେ ଯଥାସମ୍ଭବ ବିଶୁଦ୍ଧ ପାଠ ଦିଆଯାଇ, ଆଲୋଚକ ମାନଙ୍କ କୌତୂହଳର ଉପଶମ ନିମିତ୍ତ ପାଦଟୀକାରେ ପାଠ ଭେଦ ଉଲ୍ଲେଖ କରା ଯାଇଛି ।

'କ' ପୋଥିରେ; 'ଖ' ଓ 'ଗ' ପୋଥି ଅପେକ୍ଷା ପ୍ରତ୍ୟେକ ପୋଇ ର ଆରମ୍ଭରେ କେତେକ ଅଧିକ ପଦ ଥିବାର ଦେଖାଯାଏ । ଅନ୍ୟ କୌଣସି 'ନ'ପୋଇ' କାବ୍ୟରେ ଉକ୍ତ ଅଧିକ ପାଠ ନଥିବାରୁ ସେହି ଅଂଶତକ ପରିଶିଷ୍ଟରେ ଉଲ୍ଲେଖ କରାଯାଇଛି ।

ଏ ଗ୍ରନ୍ଥର ପ୍ରକାଶନ ଲାଗି ଓଡ଼ିଶା-ରାଜ୍ୟ ସରକାରଙ୍କ ସାଂସ୍କୃତିକ ବିଭାଗର ଉପମନ୍ତ୍ରୀ ଶ୍ରୀଯୁକ୍ତ ସନ୍ତୋଷ କୁମାର ସାହୁ ବିଶେଷ ଆଗ୍ରହ ପ୍ରକାଶ କରିବା ସଙ୍ଗେ ସଙ୍ଗେ, ଓଡ଼ିଶା ପ୍ରାଦେଶିକ ସଂଗ୍ରହାଳୟ ତରଫରୁ ଏ ପ୍ରକାର ଗ୍ରନ୍ଥ ଅଧିକ ସଂଖ୍ୟାରେ ପ୍ରକାଶ କରିବା ଲାଗି ଯୋଜନା କରି ଓଡ଼ିଶାର ସୁଧୀସମାଜରେ ପ୍ରଶଂସାର ପାତ୍ର ହୋଇଛନ୍ତି ।

ରାଜ୍ୟ ସରକାରଙ୍କ ଶିକ୍ଷା ଓ ସାଂସ୍କୃତିକ ବିଭାଗରେ ସେକ୍ରେଟେରୀ ତଥା ସାଂସ୍କୃତିକ ବିଭାଗର ଡାଇରେକ୍ଟର୍ ଶ୍ରୀଯୁକ୍ତ କାଳୀକିଙ୍କର ସାମଲ୍; ଆଇ: ଏ: ଏସ୍ ମହୋଦୟ, ପ୍ରାଚୀନ ଗ୍ରନ୍ଥ ଗୁଡ଼ିକର ପୁନରୁଦ୍ଧାର ଦିଗରେ ବିଶେଷ ଦୃଷ୍ଟି ଦେଇ ମୋତେ ଉତ୍ସାହିତ କରିଛନ୍ତି ।

Digitized by srujanika@gmail.com

ଅଠେଇଣୀ

ପରିଶେଷରେ; ଓଡ଼ିଶାରାଜ୍ୟ ସଂଗ୍ରହାଳୟର ସହକାରୀ ଅଧ୍ୟକ୍ଷ (**Assistant Director**) ଶ୍ରୀଯୁକ୍ତ ଅର୍ଜୁନ ଯୋଶୀ, ଏମ୍‌.ଏ.; ଓ ତାଳ-ପତ୍ର ପୋଥି ବିଭାଗର ସଂରକ୍ଷକ (Curator) ଶ୍ରୀଯୁକ୍ତ ମହେଶ ପ୍ରସାଦ ଦାଶ ଏମ୍. ଏ. ଏଭଳି ଉପାଦେୟ ଗ୍ରନ୍ଥର ଶୀଘ୍ର ପ୍ରକାଶନ ଦିଗରେ ଆଗ୍ରହୀ ହୋଇ ଗ୍ରନ୍ଥଟିର ସମ୍ପାଦନା କରିବା ଲାଗି ମୋତେ ଅନୁମତି ଦେବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ସମସ୍ତ ପ୍ରକାର ସୁଯୋଗ ଦେଇଥିବାରୁ ମୁଁ ସେ ମହାଶୟ ଦ୍ୱୟଙ୍କ ନିକଟରେ ଚିର ଋଣୀ ।

ଇତି

ଦୋଳ ପୂର୍ଣ୍ଣିମୀ
ତା ୭-୩-୧୯୬୭

ଶ୍ରୀ ନୀଳମଣି ମିଶ୍ର
ଓଡ଼ିଶା ରାଜ୍ୟ ସଂଗ୍ରହାଳୟ
ଭୁବନେଶ୍ୱର—୧

Digitized by srujanika@gmail.com

ବିପ୍ର କଣ୍ଠୁ ଦାଶଙ୍କ

'ନ' ପୋଇ

ପ୍ରଥମ ପୋଇ । ରାଗ—ମାଳବ

ଯେତୁ ବନେ ହରି ଚରନ୍ତି ବାଛୁରି
ସଙ୍ଗେ ଘେନି (୧) ବ୍ରଜ ଗୋପବାଳ ।
ଯୂଥ ଯୂଥ ହୋଇ ବନେବନେ ଯାଇଂ
ବୃନ୍ଦାବନେ ଯେବା (୨) ନନ୍ଦବାଳ ॥ ୧ ॥
ବନ ଶୋଭା ବ୍ରହ୍ମଂ ମଦନ ପୀଡିତ
ରାଧା ଗୁଣ ଗୁଣି ଛନ ଛନ ।
ଦେଖିଲେଣ ଆଜ ନ ରହିବ ଲାଜ
ବିଚାର କରନ୍ତି ମନେ ମନ ॥ ୨ ॥
ଦନ୍ତରେ (୩) ତରଣ ଧରିବି ଚରଣ
ଶରଣ ପଶିବି ତାରେ ମୁହିଂ ।

୧—ଦବ (କ ଓ ଖ ପୋଥିପାଠ) । ୨—ନନ୍ଦନାଳ (ଗ ପୋଥିପାଠ) ।
୩—ଏ ପାଦଟି 'ଖ' ପୋଥିରେ ପଞ୍ଚମ ପଦରୂପେ ସ୍ଥାନ ପାଇଛି ।

Digitized by srujanika@gmail.com

ବେଦନା ଜଣାଇଂ କହିବ ମଣାଇଂ
ଧରି ନ ଛାଡ଼ିବି ପାଦଦୁଇ ॥ ୩ ॥
କାଲି (୪) ଯାଉଥିଲି ଅନାଇ ରହିଲି
ମୁହିଂ ନ କହିଲି ମୋର ଦୋଷ ।
ମଦନ ଗଞ୍ଜଣା ହବେକ ହଜଇ
କହି ନ ପାରଇ ତାର ପାଶ ॥ ୪ ॥

ହୋଇ ବଡ଼ଲୋକ କଣିଲି ସେବକ
ଯେ ମୋତେ ରାଧାଙ୍କୁ ଦେବ ଆଣି ।
ନିରନ୍ତର ପାଶେ ଥିବ ତାର ଆଶେ
ସେବା କରୁଥିବ ମନ ଜାଣି ॥ ୫ ॥

ପ୍ରେକାନ୍ତେ ଭେଟିବ ଚରଣେ ଲୋଟିବ
ଉଠ ବୋଲନ୍ତେଣ ନ ଉଠିବ ।
ଯେବେ କରଧରି ତୋଳିବ ସୁନ୍ଦରୀ
ଉଠି କର ଯୋଡ଼ି ଜଣାଇବ । ୬ ॥

ନ ପାଇବ ଯବ ଝାସିବ କାଳନ୍ଦୀ
ଜୀବନ ହାରିବ ତାର ଲାଗି ।
ଚନ୍ଦ୍ରମା ବଦନୀ କନେକ ବରଣୀ
ସ୍ୱଚ୍ଛ ସୁକୁମାରୀ କୋମଳାଙ୍ଗୀ ॥ ୭
ମଧ୍ୟା ଅତକ୍ଷିନ ସ୍ତନ (୫) ଯଉବନ
ମୁକୁତା ହାରନ୍ତିଂ ଅଛି ଶୋଭି ।

୪—ରହିଲି (ଖ ପୋଥି ପାଠ) ୫—ପୀନ (କ, ଗ ପୋଥି ପାଠ)

Digitized by srujanika@gmail.com

ଭୂଲତା କମାଣ ନୟନର ବାଣ,
ଦ୍ୱର ଯୋଗ ଚେଳ ପିବ ମୋକ୍ଷ ॥ ୮ ॥

ରାଧା ପ୍ରୀତି ଆଶେ (୧) ଗୋବିନ୍ଦ ଅବଶେ
ଝୁରଇ କଦମ୍ବ ତଳେ ବସି ।
ଚନ୍ଦ୍ରକଣ୍ଠ ଦାସ ଭଜେ ପୀତବାସ
ରାଧା ସମୀପକୁ ମନ ପେଷି ॥ ୯ ॥

—✱—

୧—ରାଧା ପ୍ରଭ ଆଶେ (କ ଓ ଗ ପୋଥିପାଠ)
୨—କଦମ୍ବ ତରୁ ତଳେଣ ବସି (ଖ, ଗ ପୋଥି ପାଠ) ।

Digitized by srujanika@gmail.com

ଦ୍ୱିତୀୟ ପୋଇ

ସେହ୍ନୁକା ହୋଇ ରାଧା କନ୍ଦର୍ପରେ ବାଧା
କାଳନ୍ଦୀ କୂଳରେ ଅଛୁ ରହି ।
ସୁଗନ୍ଧ ଲଗାଇ ସ୍ନାହାନ (୧) କରଇ
କୂଳେ ଅଳଙ୍କାର ବାସ ଥୋଇ ॥ ୧ ॥

ଚୀଲ ପକ୍ଷୀ ଥିଲ ବେଗେ ଝାମ୍ପଦେଲା
ମୁକୁତା ହାରକୁ ବୃକ୍ଷେ ସେନ ।
ଚରଚର ହୋଇ ସ୍ନାହାନ ସାରଣ (୨)
ସୁବେଶ ହୋଇଲା (୩) ପୀନସ୍ତନୀ ॥ ୨ ॥

ବୁଦ୍ଧି ନ ଆସଇ ଚକଟେ ଅନାଇଂ
କ ବୋଲି ବୋଲିବେ ଘରେ ଯାଇଂ ।
ଶାଶୁ କ ବୋଲିବେ ନଣନ୍ଦ ଚଳିବେ (୪)
ସେ୍ୱକା ମୁଂ ଅଇଲି କାହ୍ନୁଂ ପାଇଂ ॥ ୩ ॥

ଗୁପତେ ଗୋବିନ୍ଦ ଅନାଇଂ ଆନନ୍ଦ
କାଚରେ କମ୍ପଇ (୫) କ୍ଷ୍ୟା ଦନ୍ତେ ।

୧—ସ୍ରାହାନ (କ ପୋଥି ପାଠ) । ୨—ସାରଇ (କ ଓ ଖ ପୋଥି ପାଠ) 'ସାରଇ' ପଦ ଯୋଗରେ ଯମକ ରକ୍ଷା ହେଉଥିଲେ ମଧ୍ୟ ଅର୍ଥ ସଙ୍ଗତ ହେଉ ନାହିଁ । ୩—ହୋଇଣ (କ ଓ ଖ ପୋଥି ପାଠ)।୪—ଚଳିବେ – ବିରକ୍ତ ହେବେ । ୫—କମ୍ପିତ (ଗ ପୋଥି ପାଠ)'

Digitized by srujanika@gmail.com

ଚରଣେ ବଢ଼ାଇ ଲଜନ୍ତିଂ (୬) ମାଡ଼ଇ
　　　　ମଦନ ଶର ବନ୍ଧଇ (୭) ମର୍ମେ ॥ ୪ ॥

ବିକ୍ଷଣେ ଚିତ୍ତେ ମଦନ ଆରତେ
　　　　ଧୀରେ (୮) ଯାଇଂ ରାଧାପାଶେ ମିଳି ।
ମୋହାଟରେ ହସି ବୋଲନ୍ତି ସୁକେଶୀ (୯)
　　　　ଟୀଲି ନେଦନ୍ତେ ମୋତିମାଳୀ ॥ ୫ ॥

ଆଣିଦେଲେ ଅମ୍ଭେ କପଦେବ ତୁମ୍ଭେ
　　　　ସତ୍ୟକର କହ ଜଳ ଛୁଇଂ ।
ପାଇଲେ ଉଷତ (୧୦) ପାଶୋର ଆରତ
　　　　ନପୂଣ (୧୧) ହୋଇବ ବୃନ୍ଦମୁହିଂ ॥ ୬ ॥

ହରବାଣୀ ଶୁଣି ଅବୋଧ ତରୁଣୀ
　　　　ସିଉକାର କରି ପୋତି ମଥା ।
ଆହାବାପ ଛାଡ଼ି କହିଲ କମ୍ପାଇଂ
　　　　ତୁମ୍ଭଙ୍କୁ ଅପୂର୍ବ କେଉଂ କଥା ॥ ୭ ॥

୬—ଲଜ ନ ମାଡ଼ଇ (ଗ ପୋଥିପାଠ) । ୭—ପୀଡଇ ମଦନଶର ମର୍ମେ (କ ଓ ଖ ପୋଥି ପାଠ) । ୮—ଧୀରେ ଧୀରେ (ଖ ପୋଥି ପାଠ) । ୯—'ବୋଲନ୍ତି ସୁକେଶୀ' ସ୍ଥଳରେ 'କ' ଓ 'ଖ' ପୋଥିରେ 'ଶୁଣ ଗୋ ସୁକେଶି' ବୋଲି ଅଛି । ତାହାଦ୍ୱାରା ଉକ୍ତ ପାଦଟି କୃଷ୍ଣଙ୍କ ଉକ୍ତି ବୋଲି ଜଣା ପଡୁଛି, ଏବଂ 'ଗ' ପୋଥିପାଠ ଫଳରେ ତାହା ରାଧାଙ୍କ ଉକ୍ତି । ୧୦—ଉଷତ—ଆନନ୍ଦିତ । ୧୧— 'ନପତ ନୁହଂ ଗୋ ବୃନ୍ଦମୁହିଂ (କ ଓ ଖ ପୋଥି ପାଠ) ଏ ପାଦଟି ଶ୍ରୀକୃଷ୍ଣଙ୍କ ସ୍ୱଗତୋକ୍ତି । ଏହାର ଅନ୍ୱୟ ହେଉଛି— ବୃନ୍ଦମୁହିଂ (ହାର) ପାଇଲେ ନପୂଣ (ଅର୍ଥାତ୍ କାଳେ ଅବା) ଆରତ ପାଶୋର, ଉତ୍ସବ ହୋଇବ' ।

Digitized by srujanika@gmail.com

ସତ୍ୟକଲ ମୁହିଂ ହାରମୋତେ ଦେଇ
ନଣନ୍ଦ ଦନ୍ଦରୁ (୧୨) ପାରିକର ।
ଅଡମୂଢ଼ (୧୩) ମନ୍ଦ ନିରନ୍ତରେ ଦ୍ୱନ୍ଦ
କରଇ କଡୁସ ଭାଷା ତାର ॥ ୮ ॥

ଶାଶୂଙ୍କ ଗଞ୍ଜଣା ଯେତେକ ଭ୍ରୁଛନା (୧୪)
କାହା (୧୫) ବାପବେଳେ ସହେ ତାହା
ବପ୍ରକଣ୍ଠ ଦାସ ଭଜେ ପୀତବାସ
ରାଧା (୧୬) କଲେ କୃଷ୍ଣ ପାଶେ ଯାହା ॥ ୯ ॥

୧୨—ଦଣ୍ଡରୁ (କ ପୋଥି ପାଠ) । ୧୩—ଅଢବଢ଼ମନ୍ଦ (କ ଓ ଗ ପୋଥି ପାଠ) । ୧୪—ଭ୍ରୁଛନା – ଭର୍ତ୍ସନା । ୧୫—'କାହା ବାପା ସହବ' ଏହି ଅର୍ଥରେ ପ୍ରୟୋଗ । ବେଳେ—ଅବେମାନ, ଏଭଳି ପ୍ରୟୋଗ ଅଦ୍ୟାପି ଲୋକମୁଖରୁ ଶୁଣାଯାଏ । ୧୬—'କହିଲେ ଗୋବିନ୍ଦ ପାଶେ ଯାହା' (କ ପୋଥି ପାଠ) । 'ରାଧାକହେ କ୍ଷର ପାଶେ ଯାହା' (ଖ ପୋଥି ପାଠ) ।

Digitized by srujanika@gmail.com

ତୃତୀୟ ପୋଣ

ଏମନ୍ତେ ବୋଲି ହରି ତରୁତଳେ ମିଳି
ପକ୍ଷୀକ ଉଡ଼ାଇ ଦେଲେ ତାଙ୍କୁ ।
ଛାଡ଼ି ମୋତିମାଳ ଉଡ଼ିଗଲା ଚିଲ
ଖସିଣ ପଡ଼ିଲା ବୃକ୍ଷ ପରୁ ॥ ୧ ॥

କରେ ମୋତିମାଳ ଘେନି ନନ୍ଦବାଳ
ରାଧିକା ଗଳାରେ ନେଇ (୧) ଦେଲେ ।
ଲାଜ ଭୟ ମିଶି ଅନୁରାଗେ ବସି
କରଯୋଡ଼ି ପୁଣ ଜଣାଇଲେ ॥ ୨ ॥

କହିଅଛ ଯାହା ହୋଇବକି ତାହା
ସତ୍ୟ ବଚନ କି ହେବ ଆନ ।
ଜଗିଥାଇଂ ବାଟ ନପାଇଣ ଭେଟ
ପ୍ରେମମତି ଗଲା ପ୍ରତିଦିନ ॥ ୩ ॥

ଆଜର ଦିବସ ହେବ ମୋତେ ଯଣ
ଭେଟିଛୁ ତରୁଣୀ ଶିରୋମଣି ।
କାମିକାମଅଙ୍ଗି ଯାହା (୨) ମଗାମଗି
ଫେଡ଼ି (୩) କି କହିବ ପୀନସ୍ତନ ॥ ୪ ॥

ନବରସବନ୍ତ ! ମୋହିଲୁ ମୋ ମନ
ମଦନଶରରେ ତନୁ ଧାର ।

୧—ଲମ୍ବାଇଲେ (ଖ ପୋଥିପାଠ) ୨—ତରଳ ଅପାଙ୍ଗି ! (ଗ ପୋଥିପାଠ) ।
୩—ଫେଡ଼ି ନ କହିଲ (ଗ ପୋଥି ପାଠ) ।

Digitized by srujanika@gmail.com

ହସି (୪) କହ କଥା ଫିଟୁ ମନ ବ୍ୟଥା
କାମଦେବ ଯାଉ ଅପସର ॥ ୫ ॥

ଗୋବିନ୍ଦ ବଚନ ଶୁଣି ଛନ୍ନ ଛନ୍ନ
ତରୁଣୀର ମନେ ଗରୁ ଦୁଃଖ (୫) ।
ଚନ୍ଦୁଝମଝମ ହିସ୍ଥା ଦମ ଦମ
ଚମଚମ (୬) କଲା ଚନ୍ଦ୍ରମୁଖ ॥ ୬ ॥

ଚକଚେ ଗୃହ୍ନଂଇ (୭) ବୁଦ୍ଧି ନହଣଇ
ନିଃଶ୍ୱାସ ବହଇ ଖରତରେ ।
କାତରେ କମ୍ପଇ ନିଷ୍ଠୁରେ କହଇ
ପ୍ରେ ବୁଦ୍ଧି ହୋଇଲା କାହ୍ନୁଂ ତୋତରେ ॥ ୭ ॥

ବାଳୁତ ନନ୍ଦନ କାଲି ତୋ ଜନମ
ଅବେଭରର କଥା କହୁ ବଡ଼ି ।
ନନ୍ଦକୁ କହିବ ଘୁଚ ଖୁଆଇବ
କାହ୍ନଂ ତୁ ଶିଖିଲୁ ପ୍ରେତେପଡ଼ି ॥ ୮ ॥

୪—ଫେଡ଼ି କହ କଥା (ଗ ପୋଥି ପାଠ) । ୫—'ଗୋବିନ୍ଦ ବଚନେ ତରୁଣୀ ବଚନ ଶୁଣି ଛନ୍ନ ଛନ୍ନ ଗରୁଦୁଃଖ'' (କ ଓ ଗ ପୋଥି ପାଠ) । ୬—ଏହି ଯମକ 'କ' ପୋଥିରେ ଓଲଟ ପାଲଟ ହୋଇଛି । ୭—ଅନାଇ' (ଗ ପୋଥି ପାଠ) ।

Digitized by srujanika@gmail.com

କି କହିବି ତୋତେ କପ ଲଜ ମୋତେ
ଶୁଣିଲ ଅଭାଗ୍ୟ ମୋର ପ୍ରେଛ ।
ବିପ୍ରକୃଷ୍ଣଦାସ ଭଜେ ପୀତବାସ
(ରାଧା) (୮) ମୁଖପୋଡି ଗଣ୍ଡେ କରଦେଇ ॥ ୯ ॥

—*—

୮—'ମୁଖପୋଡ଼ି ଗଣ୍ଡେ କର ଦେଇ' ଏହି ଅଂଶଟିକହିଁ ଛନ୍ଦ ନିୟମ ପ୍ରତି ଅନୁକୂଳ । କିନ୍ତୁ ତିନିଖଣ୍ଡି ଯାକ ପୋଥିରେ 'ରାଧା' ଶବ୍ଦ ଯୋଡ଼ାଯାଇଛି । ତାହା ଦ୍ୱାରା ଛନ୍ଦଭଙ୍ଗ ହେଉଛି । କିନ୍ତୁ 'ରାଧା' ଶବ୍ଦ ଯୋଗ ନକଲେ ବିପ୍ର 'କୃଷ୍ଣଦାସ' ସହିତ 'ମୁଖ ପୋଡି ଗଣ୍ଡେ କରଦେଇ'ର ଅନ୍ୱୟ ହୋଇଯିବ ।

Digitized by srujanika@gmail.com

ଚତୁର୍ଥ ପୋଇ

କାହିଁଲେ ତୁ ନିରସି ଖାଇବଇଁ ବିଷ
ଜୀବନ (୧) ହାରିବ ତୋର ଲଗି ।
ସ୍ତ୍ରୀରିକ ପୁରୁଷ ହତ୍ୟା ବଡ଼ ଦୋଷ
କି ଯଶ ପାଇବୁ ଆଶା ଭାଙ୍ଗି ॥ ୧ ॥
ତୁ ତ ଗୁଣବନ୍ତି ବିବେକ ଯୁବନ୍ତି
ବୃଷଭାନୁ ନୃପରାଜା ଝିଅ ।
ଆଜ ତୋ ଚରଣେ ପଶିଲି ଶରଣ
ମୁହିଁ ଯୋଗେ (୨) ନନ୍ଦ ରାଜା ପୁଅ ॥ ୨ ॥
ରଖ ବା (୩) ନ ରଖ ମୁଁ ତୋ କଣା ଲୋକ
ଚିହ୍ନ ଦେଇ କାମ ଉପୁ ଖଣ୍ଡ ।
ଅଙ୍ଗେ ନଖକ୍ଷତ ଗଣ୍ଡେ ଦନ୍ତଘାତ
ଉରଜେ ଲଗାଇ ଭୁଜେ ଛନ୍ଦ (୪) ॥ ୩ ॥
ଛାଡ଼ ସର୍ବ ଲାଜ କହିଲଇଁ ଆଜ
ଚାଲ ସଖି କୁଞ୍ଜବନ ଯିବା ।
ସେତେ ବୋଲି ହରି ପଣତ ଓଟାରି
ଆସ ସଖି ଦେନ ମୋର ସେବା ॥ ୪ ।

୧—ଜୀବନ୍ତେ ମରିବି (ଖ ପୋଥି ପାଠ) । ୨—ଗୋପେ (କ ଓ ଖ ପୋଥି ପାଠ) । ୩—ରଖ ବାରେ ରଖ (କ ପୋଥି ପାଠ) ୪—'ଭୁଜେଭିଡ଼' ଉକ୍ତୋଟିଯାଙ୍କ ପୋଥିର ପାଠ । କିନ୍ତୁ ପୂର୍ବପାଦର ଶେଷ ଅକ୍ଷର 'ଣ୍ଡ' ଥିବାରୁ ଏ ପାଦର ଶେଷରେ 'ଭିଡ଼' ପରିବର୍ତ୍ତେ 'ଛନ୍ଦ' ହେବା ଅଧିକ ସଙ୍ଗତ ।

Digitized by srujanika@gmail.com

କୋପେ (୫) ସେ ଚଞ୍ଚଳ ଛଡ଼ାଇ ଅଞ୍ଚଳ
ଗୁରୁତର କୋପେ ତରତରେ ।
ସଜନୀ ଆସିବେ ଦେଖି କ ହସିବେ
କ ଦଣ୍ଡ କହ୍ନାଇ ଦେଉ ମୋରେ ॥ ୫ ॥

ନଣନ୍ଦ ଶୁଣିବ ଧିକ୍‌କାର ବୋଲିବ
ଦୋରୁଣୀ ହୋଇବ ସବୁଭୁଣ୍ଡେ ।
ଲୋକ ଲାଜ କଥା ମରଣର ବ୍ୟଥା
ଆଜ କ ଗୃଳିବ ଗୋପଦାଣ୍ଡେ (୬) ॥ ୬ ॥

ଦୁଷ୍ଟ କଂସରାଜା ବଡ଼ାଇ (୭) ତରଜା
ଜାଣିଲେ ସେ ଘର ନେବ ବାନ୍ଧି ।
ନନ୍ଦକୁ ଧରିବ ସମ୍ପଦ ସାରିବ
ତୋହ୍ମ ଯୋଗୁଂ ନାଶ ଯିବ ମୁହିଂ ॥ ୭ ॥

ବାଛୁରୀ ଚରାଉ ବନେ ଭାତ ଖାଉ
ନନ୍ଦଘରେ ରହୁଥିଲ ପଣେ ।
ମାଗୁ ଯା ବଚନେ ଜାଣୁ କ ସ୍ୱପନେ
ହୋଉଛୁ ନାଗର ଗୋପେ ଜଣେ ॥ ୮ ॥

୫—"କ୍ରୋଧ ଗରୁତର ଛଡ଼ାଇ ଅଞ୍ଚଳ, ଚଞ୍ଚଳ କହଇ ଖରତରେ"
(ଖ ଓ ଗ ପୋଥିପାଠ)
୬—'ଢ' ପୋଥି ପାଦ ଦୁଇଟିର ଓଲଟ ପାଲଟ ହୋଇଛି ।
ଯଥା:—ଲୋକ ଲାଜ.....................।
ନଣନ୍ଦ ଶୁଣିବ.....................॥
୭—ବଡାଇ = ବଡ଼ପଣ । ତରଜା = ଗର୍ବ ।

Digitized by srujanika@gmail.com

ନାନା ଛବ ହୋଇ ମୋହନ୍ତି ଲଗାଇ
ପର କୁଳବଧୂ ହର (୮) ଲୋଡ଼ୁ ।
ବିପ୍ର କଣ୍ଠୁ ଦାସ ଭଜେ ପୀତବାସ
(୯) ରାଧା ବୋଲେ ସ୍ୱର୍ଗ ଛୁଡ଼ିପଡ଼ୁ ॥ ୯ ॥

—*—

୮—ହର ଲୋଡ଼ୁ = ହରଣ କରିବାକୁ ଇଚ୍ଛାକରୁ ।
୯—ଉନୋଟିଯାକ ପୋଥିରେ 'ଆକାଶ ଛୁଡ଼ିପଡ଼ୁ' ଅଛି । କିନ୍ତୁ 'ଆକାଶ' ଶବ୍ଦଯୋଗରେ ଏଠାରେ ଛନ୍ଦଭଙ୍ଗ ହେଉଛି ।

Digitized by srujanika@gmail.com

ପଞ୍ଚମ ପୋଣ୍ଣ

ପୁଣି ବେଣୁଧର ଯୋଡ଼ ବେଣୀକର
କୋମଳେ (୧) କହନ୍ତ ଗୃଷ୍ଟୁବାଣୀ ।
ମୁହିଂ ଗଲେ ନାଶ ପାଇବୁ କ ଯଶ
କେତେ ହେଂ ନିସ୍ୱଣ କରୁ ପୁଣି ॥ ୧ ॥
ଫାନ୍ଦରେ ପକାଇ (୨) ଦ୍ୱନ୍ଦରେ ରଖାଇ
ଯେବେ ଯିବୁ ସଖି ଦେଇ ପିଠି ।
ଚୋର (୩) ବିଚ୍ଛେଦରେ ବିରହ କାଳରେ
ମଦନ କରିବ ଶର ବୃଷ୍ଟି ॥ ୨ ॥
କାମଭରେ କୋଳ କରନ୍ତେ ଗୋପାଳ
ଆଡ଼ ହୋଇ ରାଧା ଗଲେ ଖସି ।
ଅଜ୍ଞ (୪) ମୂଢ଼ମନ୍ଦ ଅଟୁରେ ଗୋବିନ୍ଦ
ଭଲଲୋକ ସଙ୍ଗେ ନାହୁଂ ବସି ॥ ୩ ॥
ନାନାଛଳ (୫) ହୋଇ ମୋହନୀ ଲଗାଇ
ବଳେ ହରି ନେଉ ପରନାରୀ ।
ପବନକୁ ଫାନ୍ଦ ଗଗନର ଚନ୍ଦ
ଯେହ୍ନେ ନେଉ ଅଛୁ କରେ ଧରି ॥ ୪ ॥

୧—କୋକିଳ (କ ପୋଥି ପାଠ) । ୨—ବନ୍ଧନେ (ଖ ପୋଥି ପାଠ) ।
୩—'ତୋହ ସଙ୍ଗ ଛଳେ ବିରହ ଅନଳେ' (ଗ ପୋଥି ପାଠ) ।
୪—'ଅଜ୍ଞ ମନ୍ଦ ମୂଢ଼ ଅଟୁରେ ଗହ୍ୱର' (କ ପୋଥି ପାଠ) ।
'ଅଜ୍ଞ ମୂଢ଼ମନ୍ଦ ଗୁଆଁର ଯୁବତୀ, ଭଲ ଲୋକ ସଙ୍ଗେ ନାହିଁ ବସି ।' (ଗ ପୋଥିପାଠ) । 'ଗ' ପୋଥିପାଠ କବିଙ୍କ ଉକ୍ତି । କିନ୍ତୁ ଏଠାରେ ରାଧାଙ୍କ ଉକ୍ତି ସମୀଚୀନ ।
୫—'ପୁରାଣରେ ଯାହା ଶୁଣିନାହୁଂ ତାହା' (କ ଓ ଖ ପୋଥିପାଠ) ।

Digitized by srujanika@gmail.com

ଦନ୍ତରେ ଚିରଣ ଧରଣ ଚରଣ
　　　　ଶୋଇ ନ ଉଠିଲେ ନନ୍ଦ(୬) ନାନ ।
ଅତି ନୋଧଭରେ କମ୍ପଇ କାତରେ
　　　　ସିଂହାଡ଼ ଚରଣ ଗଲପୂଣ (୭) ॥ ୫ ।

ଝୁଣ୍ଟିଆ(୮) କପୋଳେ(୯ ବାଜି ଝରି ଝର
　　　　ରୁଧିର ବହଇ ଖରତରେ(୧୦) ।
ପୀତବାସେ ଗୁଡେ ମନଗରୁ ତାପେ (୧୧)
　　　　ବଷାଦେ ବସିଲେ ମାଘମୂଳେ(୧୨) ॥ ୬ ।

ଚିନ୍ତା (୧୩) ଖେଦଭରେ ଚାପଇ ଶଯ୍ୟରେ
　　　　ଦାରୁଣ ଯୁବତୀ କଲ ଯାହା ।
ଲୋଚକ ବହଇ ମଦନ (୧୪) ଦହଇ
　　　　ପୁଣ ପୁଣ ଚତ୍ତେ ଚିନ୍ତ ତାହା ॥ ୭ ।

୬—ନନ୍ଦବାଳ (ଖ ପୋଥିପାଠ) ।　୭—ଗଳ ଜଳ (ଖ ପୋଥିପାଠ) ।

୮—ଝୁଣ୍ଟିଆ—ପାଦଭୂଷଣ । ଏହା ପୂର୍ବକାଳରେ ସ୍ତ୍ରୀମାନଙ୍କର ଗୋଟିଏ ଆଭିଜାତ୍ୟ ଭୂଷଣ ରୂପେ ପରିଚିତ । ଏହାକୁ ପାଦରେ ଭୂଷିତ ହୋଇ ଚାଲିଲେ ରୁଣୁଝୁଣୁ ଶବ୍ଦ ହୁଏ ।

୯—କପାଳେ (ଖ ପୋଥିପାଠ) । କପୋଳ-ଗଣ୍ଡ, କପାଳ—ମସ୍ତକର ସମ୍ମୁଖ ଭାଗ, ଉଭୟ ପଦ ସଙ୍ଗତ ।

୧୦—"ଝୁଣ୍ଟିଆ କପାଳେ ବାଜଣ ରୁଧିର, ଝରଝର ବହେ ଖରତରେ" (ଖ ପୋଥିପାଠ) ।

୧୧—ଅନୁତାପେ (ଖ ପୋଥିପାଠ) । ୧୨—କଦମ୍ବମୂଳେ (କ ପୋଥିପାଠ) ବୃକ୍ଷମୂଳେ (ଖ ପୋଥିପାଠ) ।

୧୩—ଚିନ୍ତ (ଗ ପୋଥିପାଠ) । ୧୪—ହୃଦୟ (କ ଓ ଖ ପୋଥିପାଠ)

Digitized by srujanika@gmail.com

ପାଇଥିଲେ ଧନ ଦରିଦ୍ର ଯେସନ
ହରାଇ ତେସନ ପୁଣି ହୋଏ ।
ଛଳ ନ ବସଇ (୧୫) ତା ଭାବେ ରସଇ
ଆହା ରସବନ୍ତ ପ୍ରାଣପ୍ରିୟେ ! ॥ ୮ ।
କୋମଳ ଚରଣ କପୋଳେ ବାଜଣ
ନ ପୁଣ ସଜନୀ (୧୬) ପାଏ ବ୍ୟଥା ।
ବିପ୍ର କଣ୍ଠ ଦାସ ଭଜେ ପୀତବାସ
ସୁମର (୧୭) ମନେ ରାଧିକା କଥା ॥ ୯ ।

—*—

୧୫—ଛନକ ବସଇ (ଖ ପୋଥିପାଠ) । ୧୬—ସୁନ୍ଦରୀ (କ ପୋଥିପାଠ) ।
୧୭—'ହର ମନେ ଚନ୍ଦ୍ର ସ୍ନେହ କଥା' (ଗ ପୋଥିପାଠ) ।
'ହର କ୍ଷୋଭ ମନେ କରେ ଚନ୍ଦ୍ରା' (ଖ ପୋଥି ପାଠ) ।

Digitized by srujanika@gmail.com

ଷଷ୍ଠ ପୋଈ

ପଞ୍ଚଶରେ ପୂଜ ରାଧା (୧)ନାମ ଦ୍ୱେଜ
ମୁରଲୀ ଲଗାଇ ବମ୍ବାଧରେ ।
ରାଧିକା ରାଧିକା ମୋ ପ୍ରାଣ ଅଧିକା
ବପଶ୍ଚତ ଶୁଭେ ଗୋପପୁରେ ॥ ୧ ॥

ନିଜପୁରେ ରାଣୀ ପଲଙ୍କରେ ଶୋଇ
ମନେ (୨) ଦୁଃଖ ପାଇ ଗରୁଚାପ ।
ମୁରଲୀ ଶୁଣିଲା ଚମକ ପଡ଼ିଲା
ଆନ୍ତମିଶ୍ରୁ (୩) ହୃଦେ ଫୁଲଗୁପ ॥ ୨ ॥

ନାଗର ସଙ୍ଗର ମରମେ ଭେଦଇ
ଅଥିର ହୋଇଣ କମ୍ପେକାୟେ ।
କେଶବାସ ଫିଟି ଅବନୀ(୪)ରେ ଲୋଟି
ଚନ୍ଦନ(୫)କର୍ପୂର ବିଷ ପ୍ରାୟେ ॥ ୩ ॥

୧—ମନେମନେ (ଗ ପୋଥିପାଠ) ; ରାଧାରୂପ (କ ପୋଥିପାଠ) ।
୨—'ମନେକର ଗରୁତର ତାପ' (କ ଓ ଖ ପୋଥିପାଠ) ।
୩—'ଆମନ୍ତ୍ରୁ ମଦନ ଶର ଚୂପ' (ଖ ପୋଥିପାଠ) ; 'ଆମନ୍ତେ ମଦନ ଗରୁ-ତାପ (କ ପୋଥିପାଠ) । ୪—ଭୂମିରେଣ (ଖ ପୋଥିପାଠ) ।
୫—ଚନ୍ଦନ କସ୍ତୁରୀ (କ ପୋଥିପାଠ) ।

Digitized by srujanika@gmail.com

ମଳୟ ପବନ ଅନଳ ପବନ
ଅମୀୟ ବଚନ (୬) ନରୁଚଇ ।
ହଂସୁଲୀ (୭) ତେଜଇ ଭୂମିରେ ଗଡ଼ଇ
ଉଠିଲେ ପଡ଼ଇ ମୋହଯାଇ ॥ ୪ ॥
ଦେଖି ଦୂତୀ ସଖୀ ମନେ ବଡ଼ ଦୁଃଖ
ଗୁପତ ବେଦନା ଜାଣିତା'ର ।
ଆଶ୍ୱାସନା କରି ଅବଗାରୁ ତୋଳ
ପଚାରଇ ସଖି ! କଅ ତୋର ॥ ୫ ॥
ବଚନ ନ କହୁ ଛନ ଛନ ହୋଇ
ବାଭୂଳ (୮) ପରାଏ ତୋର ଗତି ।
ପଲଙ୍କେ ନରହୁ ଘର କୁଳବଧୂ (୯)
କାହିଁ ରଖିଅଛୁ ତୋର ମତି ॥ ୬ ॥
ଘରହିଂ ନ ମଣୁ ସଖୀକ ନଗଣୁ
ଭଲ ପ୍ରାପ୍ତ ମୋତେ ହି ଶୁନାହିଂ ।
ତର ତର ହୋଇ ଅଇଲୁ ଯେ(୧୦) ଧାଇଂ
ଫୁଲ ତୋଳୁ ଥିଲୁ ବନେ ଯାଇଂ ॥ ୭ ॥
ଆସିଣ ଲେଉଡ଼ିଲ ଭେଟ ନପାଇଲ
ମନକୁ ଲାଗିଲା ଗରୁବ୍ୟଥା ।
ଦେଖିବାର ପାଇଂ ଅଇଲ ମୁଂ ଧାଇଂ
ସେହିଠା ପୁଣ ତୋର କେଉଂ କଥା ॥ ୮ ॥

୬—ଅଣନବ୍ୟସନ (ଖ ପୋଥିପାଠ) 'ପଖାର ମାର ତ ନ ରୁଚଇ' (କ ପୋଥିପାଠ) । ୭—'ଭୂମିରେ ପଡ଼ଇ ହଂସୁଳୀ ଏଡଇ' (କ ପୋଥିପାଠ) । ୮—ବାଳୁତ (ଖ ଓ ଗ ପୋଥିପାଠ) ।
୯ — 'ହାରହିଂ ନବହି' (ଖ ପୋଥିପାଠ) । ୧୦—ଗାଧୋଇ (ଖ ପୋଥିପାଠ)

Digitized by srujanika@gmail.com

ସଚକର କନ୍ଦ କସ ଦେଲା ଦେହ
ବନେ ଡରିଲୁ କ ଚନ୍ଦ୍ରମୁଖି !
ବପ୍ରକଣ୍ଠ ଦାସ ଭଜେ ପୀଚ(୧୧)ବାସ
ଦେଖି ଘାନ(୧୨)ଦାସ ମନେ ଦୁଃଖୀ ॥୯॥

—*—

୧୧—'ବପ୍ରକଣ୍ଠ ଦାସ ଚରଣକୁ ଆସ' (କ ଓ ଗ ପୋଥିପାଠ) ।
୧୨—ଦୁଃଖୀଦାନ ଦାସ (ଖ ପୋଥିପାଠ) ।

Digitized by srujanika@gmail.com

ସପ୍ତମ ପୋଣ

କବୁଝି କରବ କେମନ୍ତେ ଛଡ଼ବ
ନାମଧଣ ସ୍ୱବେ (୧) ପଞ୍ଜରରେ ।
ମୋ ନାମ(୨) ଶୁଣିମେ ସର୍ବେର୍ବେଂ ଜାଣିମେ
କେମନ୍ତେ ରହିବ ଗୋପପୁରେ ॥ ୧ ॥

ନଣନ୍ଦ(୩) ଶୁଣିବ ଧିକ୍କାର ବୋଲିବ
କେମନ୍ତେ ଗୁହିଂବ କାହା ମୁଖ ।
କୁଳରେ କଳଙ୍କ ଜଇବାର ଧିକ
ମରିବାର ସଖି ବଡ଼ ସୁଖ ॥ ୨ ॥

୧—ବାଏ (କ ପୋଥି ପାଠ) ; ଗ୍ୱଇ (ଖ ପୋଥିପାଠ) ।
୨—'ଧନ୍ୱର୍ଦ୍ଧ ଖଙ୍ଗଇ ବଦେକ ହ୍ୱସ୍ୱଇ
ମାନଭେଳ ମନେ ମନହରେ' । (କ ପୋଥିପାଠ) ।
'ମଦନ ଗଞ୍ଜାଇ ବଦେକ ହ୍ୱଜଇ
ମାନଭେଳ ମନଦୁଃଖହରେ' । (ଖ ପୋଥି ପାଠ) ।
୩ —'ମୋନାମ ଶୁଣିଲେ ସମସ୍ତେ ଜାଣିଲେ' (କ ପୋଥିପାଠ) ।
ସ୍ୱଙ୍ଫଦବାଭଲେ ମୋ ନାମ ଡାକଲେ' (ଖ ପୋଥିପାଠ) ।

Digitized by srujanika@gmail.com

ଚିତ୍ତବିଚଳିତ ନୋହେ ନିବାରିତ
ତାର ଅଙ୍ଗସଙ୍ଗ ମନଭେଦେ ।
ବିକାର ବାଧଇ ମଦନ ସାଧଇ
ରହି ନପାରଇ ବେଣୁ ନାଦେ ॥ ୩ ॥

ନିନ୍ଦନ୍ତୁ ବାନ୍ଧବେ ଗୁରୁଜନ ସର୍ବେ
ତେଜନ୍ତୁ ଗଞ୍ଜନ୍ତୁ ଅବା କେତେ ।
ଦୁର୍ବାଦ ଦୂଷଣ ବଜାଇ ଘୋଷଣ
ବାଛନ୍ତୁ ପଞ୍ଚକେ ଗୋପେ ଯେତେ ॥ ୪ ॥
ନୀଳ(୪)ପୀତ ତନୁ ନଯାଇ ମୋ ମନୁ
କ୍ଷଣେ ଚିତ୍ତ ନରହେ ସଦନେ (୫) ।
ଛାଡ଼(୬)ଦୁଇକୂଳ ଭାସି କାମଜଳ
ଲଗାଅ(୭) ଗୋବିନ୍ଦ ପାଦପଦ୍ମେ ॥ ୫ ॥

ଶତେକ କପାଟ କଳଣ ଆକଟ
ରଖି(୮) ନପାରିବେ ଗୋପେ ଯେତେ ।
ନନ୍ଦରଜାଶିଷ କାଳକୂଟ ବିଷ
ଦୁଇରୁ କଥାଏ ଦିଅ ମୋତେ ॥ ୬ ॥

୪—ଝିମିଝିମି (କ ଓ ଗ ପୋଥିପାଠ) । ୫—ସଦ୍ମେ (ଖ ପୋଥିପାଠ) ।
୬—ଛାଡ଼ିବଇଂ କୂଳ (ଖ ପୋଥିପାଠ) । ୭—ଲଗାଇ (କ ପୋଥିପାଠ) ।
୮—'ଜଗି ନପାରିବେ ଏଥେ ମତେ' (ଖ ପୋଥିପାଠ) ; 'ରଖିନପାରିବେ ଏଥେ ମତେ' (କ ପୋଥିପାଠ) ।

Digitized by srujanika@gmail.com

ଶୁଣିଣ ଦୂତିକା ହୋଇଣ ଛାଟିକା
ଗାଲେ ହସ୍ତ ଦେଇ କହୁଅଛି ।
ନବକୁଳବତୀ ପତିପ୍ରାଣା ସତୀ
କାହୁଂ ତୋ ପ୍ରେ ବୁଦ୍ଧି ସ୍ଫୁରୁଅଛି ॥ ୭ ॥
କୁଳରେ କଳଙ୍କୀ ହୋଇବୁରେ ସଖି !
କି ବୋଲ ବୋଲିବେ ଗୋପ ଲୋକେ ।
କହୁ ସେ ମୁରଟ(୯) କାହ୍ନଂଗଲା ଆଣ୍ଠି
କାମ ନୁଆଂଇଲା ବେଣୁଡାକେ ॥ ୮ ॥
ନନ୍ଦର ତନୟେ ଚରଣେ ବିନୟେ
କଲେ ଯେ ନକଲୁ ଦୟାଛାରେ ।
ବପ୍ରକଣ୍ଣଦାସ ଭଜେ (୧୦) ପୀତବାସ
ଦୀନ ଦାସ ବୋଲେ (୧୧) ଯାଅବାରେ ॥ ୯ ॥

—*—

୯—ମୁରଟ = ଭ୍ରୁ ଭଙ୍ଗି ପୂର୍ବକ ସ୍ବହାଣି ।
୧୦—'ଚରଣରୁ ଆସ' (ଖ ପୋଥିପାଠ)
୧୧—'ସଖି ବନସ୍ଥରେ ଯାଅବାରେ' (କ ପୋଥିପାଠ) ।

Digitized by srujanika@gmail.com

ଅଷ୍ଟମ ପୋଈ

ବଦନ ଶୁଖାଇ ଲୋତକ ଗଡ଼ାଇ (୧)
ପ୍ରେକାନ୍ତେ କମ୍ପାଇଂ ଚନ୍ଦ୍ରାକର ।
କଠୋନତ ହୋଇଲା କେ କସ ବୋଇଲା
ଆହା ବାପଭ୍ରଇ ଧନ ମୋର ॥ ୧ ॥
ଲୁଚପାଇ କନା ଛୋହର ବେଦନା
ରକ୍କୁଣୀ ସଙ୍ଗାଳ କହ ମୋତେ ।
ମୁରଲି ବଜାଉ କାହ୍ନାନାମ ଗାଉ (୨)
ବକଳ ମାଡ଼ଇ କହ ମୋତେ ॥ ୨ ॥
ଶୁଣି ନନ୍ଦସୁତ ହୋଇଣ ଉଷତ (୩)
ଅଧରୁ ମୁରଲି ରଖି କହେ ।
ଶୁଣ ତୁ ଦୂତକା ମୋ ପ୍ରାଣ ଅଧିକା
ପଡ଼ିଲ ମଦନଶର ଘାପ୍ରେ [୪] ॥ ୩ ॥
ବାଜ ନ-କ [୫] ଲ୍ଲିଲା ଜୀବନ ରଖିଲ
ଘାର ହୋଉ ଅଛୁ ଘାଉଲଗି ।
ରାଧାନାମ (୬)ଘଇ ମୁରଲି ବଜାଇ
ଦୁଃଖ ରହିଅଛୁ କାମଭ୍ରଗୀ (୭) ॥ ୪ ॥

୧—ପକାଇ (ଗ ପୋଥିପାଠ) । 'ଲୋତକ ଗଡ଼ାଇବା' ପ୍ରୟୋଗ ଦେଖାଯାଏ ମାତ୍ର 'ଲୋତକ ପକାଇବା' ପ୍ରୟୋଗ ନାହିଁ । ୨—ଗାଉ—ବଜାଉ ।
୩—ଉଷତ—ଆନନ୍ଦିତ । ୪—ଘାପ୍ରେ—ଆଘାତରେ ।
୫—'ବାଜନକଲ୍ଲିଲା' ଉଚନୋଟି ଯାକ ପୋଥିର ପାଠ ସମାନ । ଏ ଶବ୍ଦ-ଗୁଡ଼ିକର ଅର୍ଥ ଆଦୌ ସ୍ପଷ୍ଟ ନୁହେଁ ।
୬—'ରାଧାନାମଧରି' (ଗ ପୋଥିପାଠ); 'ରାଧାନାମେ ମୁଗ୍ଧ' (ଖ ପୋଥିପାଠ)
୭—କାମଯାଗି (ଗ ପୋଥିପାଠ) ।

Digitized by srujanika@gmail.com

ଧନ୍ୟ ଯେ ସୁନ୍ଦରୀ ସ୍ୱରୁ ମନୋହାରୀ
ମଦନବ୍ୟାଧିକ ମଉଷୋଧି ।
ଭେଟିଲ ସ୍ୱେକାନ୍ତେ କହ୍ନାଇଲଇଂ କେତେ
ନ ଯେନ ହରଲ ମନବୁଦ୍ଧି (୮) ॥ ୫ ॥

ମହତ ସବାଇ ବବେକ ହଜାଇ
ମରମ କହ୍ନଣ ଅଡ଼େ ହେଲ ।
ଦନ୍ତରେ ତରଣ ଧରଲ ଚରଣ
ଫିଙ୍ଗି ପକାଇଣ ଝୁଣ୍ଟିଗଲ (୯) ॥ ୬ ॥

ରୁଧିର ଲଲାଟ ହେଲ ପୀତପଟ
ତେଣୁ ହେଲ ସଖି ନିରମାଙ୍କି ।
ଶରଣ ନରଖି ଦୂରକଲ ସଖୀ
କ କଲ ପୁଣ ସେ ଶଶିମୁଖୀ[୧୦] ॥ ୭ ॥

ଶୁଣ ତୁ ଅଚ୍ୟୁତ ମୁରଲୀର ଗୀତ
ଶୁଣି ସେ ଉଚାଟ ନୃପ ସୁତା ।
ଭୂମିରେ(୧୧) ଗଡ଼ଇ ଉଠିଲେ ପଡ଼ଇ
ଅପୂର୍ବ ମଣିଲ ତାର କଥା ॥ ୮ ॥

୮—'ଦେଖିଲ ସ୍ୱେକାନ୍ତେ......ତାଲାଗି ସରଲ ମୋର ବୁଦ୍ଧି' (ଗ ପୋଥି-ପାଠ) । ୯—ଏ ପାଦଟି 'ଗ' ପୋଥିରେ ନବମ ପଦରେ ଅଛି ।
୧୦—'ଶରଣ ନରଖି ଚନ୍ଦ୍ରମୁଖୀ' (ଖ ପୋଥିପାଠ); କ କଲ ପୁଣ ସେ ଚନ୍ଦ୍ରମୁଖୀ' (କ ପୋଥିପାଠ) ।
୧୧—'କ୍ଷଣକେ ଲେଉଟଇ' (କ ପୋଥିପାଠ) ।

Digitized by srujanika@gmail.com

ମଦନ(୧୨) ଅନଳ ଜଳଇ ଶରୀର
ବେଣୁଧ୍ୱନି ହେଲା ଘୃତଧାର ।
ବିପ୍ରକଣ୍ଠ ଦାସ ଚରଣକୁ ଆସ
ଧ୍ୟାନଦାସ ବୋଲେ ଝାଙ୍କର ॥ ୯ ॥

୧୨—'ଗ' ପୋଥିରେ ଏହି ପଦଟି ନିମ୍ନଲିଖିତପ୍ରକାର ଥିବାର ଦେଖିବାକୁ ମିଳେ ।

"ମଦନ ଗଞ୍ଜାଇ ବିବେକ ହଜଇ
ବେଣୁଧ୍ୱନି ଶୁଣିଣ ହିଛାଟ ।
ଅତିବକ୍ରତରେ ମୋତେ ଡକାଇଲା
ଭେଟାଇ ସ୍ନେହେ ସେ ନନ୍ଦସୁତ"

Digitized by srujanika@gmail.com

ନବମ ପୋଈ

ତୋର ରୂପଧ୍ୟାୟି ବସିଛୁ ମାଧୋଇ(୧) !
ପାଦଚନ୍ଦ୍ର ଧୂଳି ବୋଳି ହୋଇ ।
ମୋହନଲଗାଇ ବାଉଳ(୨) କରାଇ
ଯେବେ ହରି ଭଲକର ଯାଇ ॥ ୧ ॥
କହିଲୁ(୩) ସଜନି ! ଯିବଇଂ ରଜନୀ
କେମନ୍ତେ ଚୁମ୍ବିଂବ ତାଙ୍କ ମୁଖ ।
କି କହିବେ ମୋତେ ଜାଣିମି କେମନ୍ତେ
ସପନେ ହେଂ କାହ୍ନିଂ ରତି ସୁଖ ॥ ୨ ॥
ଧୈର୍ଯ୍ୟ(୪) ହରାଇ ଛନ ଛନ ହୋଇ
ଶୁଣିଲି କାହାଣୀ ପାଶୋରିବି ।
ଗୁଆଂର ଯୁବତୀ ବୋଲଣ ଶ୍ରୀପତି
ବିମୁଖ ହେଲେ ମୁଂ କି କରିବି ॥ ୩ ॥

୧—କହ୍ନାଇଂ (କ ଓ ଖ ପୋଥିପାଠ) ।
୨—ବାଲ୍ଲୁତ କହଇ (ଗ ପୋଥିପାଠ) ।
୩—'ଗ' ପୋଥିପାଠରେ ଏ ପଦର ପାଠ ଭିନ୍ନ ।
"କହିଲି ସଜନ ଯିବଇଂ ରଜନୀ
କେମନ୍ତେ ଚୁମ୍ବିଂବ କାହ୍ନା ମୁଖ ।
କି କହିବ ତୋତେ ଜାଣିମି କେମନ୍ତେ
ସ୍ୱପନେ ହେଂ ନାହିଂ ନାହିଂ ସୁଖ ॥"
୪—"......ଛନ୍ନ ହେବି ବୁନ୍ଦିଂ......" (ଖ ପୋଥିପାଠ) ।
"......ବିବେକ ହଜାଇ,
ଶୁଣିମାର କଥା ପାଶୋରିବି । (ଗ ପୋଥି ପାଠ) ।

Digitized by srujanika@gmail.com

ଅଭ୍ୟାର କରି ସଖୀରେ ପ୍ରବୃତ୍ତି
(୫)ଲଜଭୟ କାମ କ୍ରୋଧ ଘେନି ।
(୬)ଖଣ୍ଡେ ଦୂରଯାଇ ପାଦ ନଚଳଇ
ଗୋବିନ୍ଦ ସନ୍ନିଧେ ମିଳିବେନି ॥ ୪ ॥

ଏବେ ଘୋର ରଜନୀ କୁଳଭୂଆସୁଣୀ
ଗୋଷ୍ଠ ଗଉଡ଼ର ପାଦେ(୭) ଆସ ।
ଲଜଭୟ ତେଜ କୁଞ୍ଜକଣ୍ଟାମାଡ଼ି
ଘରବର ତେଜ ବନେ ପଶ ॥ ୫ ॥

ମାନଭର ହୋଇ ବଦନ ଲମ୍ବାଇ(୮)
(୯)ଶୁଣି ଶଶିମୁଖୀ ପୋତିମଥା ।
ଗୁଡ଼ ଭୁ ଛଇଳ ସଖୀକ ସମ୍ଭାଳ
ଚୋହଟି ବରହେ ଗରୁ ବ୍ୟଥା ॥ ୬ ॥

୫—'ଲଜ ଭଏ କାମ ଖେଦ ହୋଇ' (ଖ ପୋଥିପାଠ) ।

୬—'ଖଣ୍ଡେଧୂରେ ରହି' (କ ଓ ଖ ପୋଥିପାଠ) ।

୭—ପାସେ (ଖ ପୋଥିପାଠ) ; କିନ୍ତୁ 'କ' ପୋଥିପାଠ ଭିନ୍ନ—
"ଏ ଘୋର ରଜନୀ କୁଡ଼ୁକ (?) ଭୂଆସୁଣୀ
ଗୋଷ୍ଠ ଗଉଡ଼ର ପାପ ଆସେ ।
....
..................ବନେ ପଶେ ।"

୮—ବଦନ କମାଇ (କ ପୋଥି ପାଠ) । ୯—ପୁଣି (କ ପୋଥିପାଠ) ।

Digitized by srujanika@gmail.com

ଦୁଇମନ ମିଶୁ ଅମୀୟୁ ବରଷୁ
(୧୦)ସ୍ନେହେ କନ୍ଦ୍ୱଣ ସେ ସହଚରୀ ।
ବେଗେ କୋଳକରି କୁଞ୍ଜଗୃହେ ମିଳ
କୁସୁମ ଶେଯ୍ୟାରେ ବଜେକରି ॥ ୭ ॥
କନକ ମର୍କତ ଘଟନେ କି ଜଡ଼ିତ(୧୧)
ଗଙ୍ଗା-ସାଗର କି ମିଶାମିଶି ।
ବେକ୍କି ମନଚାପ ଯେଜାଣ କନ୍ଦର୍ପ
(୧୨)ପଳାବନ୍ତେ ମନସୁଖେ ରସି ॥ ୮ ॥
(୧୩)କୁଚରେ କଜ୍ଜଳ କମଳେ ଭ୍ରମଳ
ବେନି ଅଙ୍ଗ ସ୍ନେହେ ନିବଡ଼ରେ ।
ବସ୍ତ୍ର କଣ୍ଠବାସ ଭଜେ ପୀତବାସ(୧୪)
ଧ୍ୟାନଦାସ ସେବେ ନିରନ୍ତରେ ॥ ୯ ॥

୧୦—ସ୍ନେହେ କହୁଅଛୁ ସହଚରୀ (କ ପୋଥିପାଠ) ।
ସ୍ନେହେ କହ୍ଵ ପରସରେ ଚଳ (ଖ ପୋଥିପାଠ) ।
୧୧—ଉଦ୍‌ଦତ (ଖ ପୋଥିପାଠ) ।
୧୨—'ପଳାନ୍ତେ ନାନା ସୁଖରେ ରସି', (ଗ ପୋଥି ପାଠ) ।
୧୩—'କ' ଓ 'ଗ' ପୋଥିପାଠ ଭିନ୍ନ ।
'ପାହୁଡ଼େ ବଳସୁ କମଳ ଭ୍ରମଳ
ବେନି ଅଙ୍ଗ କଏ ନିବଡ଼ରେ' (ଗ ପୋଥିପାଠ) ।
'ଗଦ୍ଧର କମଳ ଭ୍ରମରେ କମଳ •
ବେନି ଅଙ୍ଗ ଶୋଭି ନିବଡ଼ରେ' ॥ (କ ପୋଥି ପାଠ)
୧୪—...'ଚରଣକୁ ଆସ' (ଗ ପୋଥିପାଠ) ।

Digitized by srujanika@gmail.com

ପରିଶିଷ୍ଟ

(‘କ’ ପୋଥିରେ ଥିବା ଅଧିକ ଅଂଶ)

ପ୍ରଥମ ଯୋଣ—ଗୀତ ।

ରାଗ—ଦକ୍ଷିଣ-ଭୈରବ ।

ନବ ପଲ୍ଲବ ଚାରୁଫଳ ଭରେ
ଶାଖା ଅବନୀ ଶୋଭିତ ଅବଲମ୍ବେ ।
ପ୍ରଫୁଲ୍ଲକୁଳ କୁସୁମକୁଳ
ମଧୁକର ମୁଖ ପରାଗେ ॥

ଧୂସର ମନୋରମେ ସେ ।
ଦେଖ ଦେଖ ଗୋ ସରସ ବସନ୍ତ ବୃନ୍ଦାବନେ ।
ସଧୀରେ ମଳୟାକୁଳ ଶୁକପିକଶାରୀ ନାନା ପକ୍ଷୀ ବନେ ସେ ।

ଦ୍ରବଣ ନୀରସ ଦ୍ରୁମ ମକରନ୍ଦେ ହୋଇଛି···
ମେଦିନୀକର ବନେ ।
ବହଳ ଯମୁନାଜଳ ପରିମଳ ନୀପବଟ ସନ୍ନିକଟ ବେଳେ ସେ ॥

——✳——

Digitized by srujanika@gmail.com

ଦ୍ୱିତୀୟ ପୋଣ

—ଗୀତ—

ବୃଷଭାନୁ ରାଜ ଜେମା ସଖୀସଙ୍ଗେ ରଙ୍ଗେ
ଗମନ ଯମୁନା ପୁଳିନ ଅବଗାହେ ।
ପୁଷ୍ପ ଘେନି ଏକେ ଏକେ କନ୍ଦୁଙ୍କେ
ବନେ ବିହରନ୍ତ ମନମଥ ମୋହେ ସେ ।
କି ସଖିଗୋ; କେତକୀ କୋରକ-ଅନୁପ୍ରାପ୍ତେ ।

କି ସୁଖ କନ୍ଦର୍ପ ଲଭ ନାଗେଶ୍ୱର
ଦେଖି କନକବର୍ଣ୍ଣ ଏ କାମ ଶୋହେ ହେ
ମଲ୍ଲୀକଳି ପରେ ଅଳଧୂନି କରେ
କାମ କି ବଜାଏ କଏ ଶଙ୍ଖପୁରେ ।
ଚମ୍ପେକ ବଶିଖ ଶର ବକୁଳ ଚୂତମୁକୁଳ ଭ୍ରମର
ଭ୍ରମର କି କଏ ତାଳେ ସେ ॥

ତୃତୀୟ ପୋଣ

—ଗୀତ—

ମଧୁର ଉତ୍ତର ଧୀରେ ନଟବର ଶୁଣି
ଅଥିର କନ୍ଦର୍ପ ଶରତାପେ ।
ପୁଲକିତ କଳେବର ସ୍ୱେଦଜଳେ
ଚକ୍ଷୁ ଚଞ୍ଚଳିତ ଅଧୀରେ ଦେହ କମ୍ପେ ସେ ।

Digitized by srujanika@gmail.com

ଦେଖ ଦେଖ ଗୋ; ଅତ ମନୋହର ଏ କାନନ
ଅପୂର୍ବମଦନ ଯୁବା ମୁନମନ ଧୈର୍ଯ୍ୟଲେଖ୍ଯ,
ଧଉର୍ଯ୍ୟ ଧଶବ କେଉଂଯୁବା ସେ ॥
ମଦନ କେଳୀମନ୍ଦର ମଞ୍ଜୁତର କୁଞ୍ଜ
ସୁଖପିଞ୍ଜ ଶୀତଳ ପବନ ।
ପଞ୍ଚପୁଷ୍ପବାଣ ଭେଦବ ଚତ୍ତଖେଦ
ବଳେ ଦହ୍ବଇ ବବେକ ବୁଦ୍ଧିମନ ସେ ॥

——✳——

ଚତୁର୍ଥ ପୋଛ

—ଗୀତ—

କାଳନ୍ଦୀରୁ କାଳୀଦଳି ଚପଭଳ (?)
ବାର ସୁଧା କଲ ବଷ ଲେଖି (?)
ବାସେବ ବବାଦେ ଗିର ତୋଳଲ ମୁଁ
କରେ ଧର ଗୋପସମ୍ପଦ ରଖିଅଚ୍ଛୁ ସେ ।
କ ସଖିଗୋ; ବାଳେକ ବୋଲ ମନେ ଘେନୁ ।
ଘୋଟିଥିଲା ଦାବାନଳ ରଖି ଗୋପବାଳ
ଅନଳଜାଳ ଭଷିଲ ଏବ୍ବବନୁ ସେ ॥
ପୂତନା ଶକଟା ବକାତୃଣା ଷଣ୍ଢା
କେଶୀ କ ମାର ଗୋ କୁଳ ରଖି ।
ଧଉର୍ଯ୍ୟ ବବେକ ଛେଳ ତୋର ସ୍ବବେ
ମନମଜ୍ଜି ଗଲା ତୋତେ ଦେଖି ସେ ॥

Digitized by srujanika@gmail.com

ପଞ୍ଚମ ପୋଲ୍ଲ

—ଗୀତ—

ପଦ୍ମଯେହ୍ନେ ଭୃଙ୍ଗ ଭୋଗ୍ୟ ଚୋର ଯୋଗ୍ୟ
ବନ୍ଧ ଘଟଣ କରନ୍ତୁ ତୋତେ ମୋତେ ।
ଅନେକ ନାଗରୀନାରୀ ଚିତ୍ତହର
ରଖି ନପାରିବେ ଗୋପେନ୍ଦ୍ରକୃ ଯେତେ ॥
ସଖି ଗୋ; ଗୃହ୍ଣଂବା ମାଙ୍କେ ମନ ମୋହ୍ନ ।
ଚୋରପଦ୍ମପାଦ ଯୁଗ ଭୃଙ୍ଗ•ହେଲ ବନ୍ଧ ଆଜ ଯିବ କାହ୍ନଂ ॥
ଭାସନ୍ତେ ମଦନ ଜଳେ ଚୋର କୂଳେ—
ଲାଗନ୍ତେ ଗଣ୍ଡିକୁ ପେଲ ଦେଇ ।
ଶର୍ମ ପରପୂର ଭଞ୍ଜି ଧୋର
ଚୋରେ ଶରଣ ପଶିଅନ୍ତୁ ଯେତ୍ତୁ ॥

—୦—

ଷଷ୍ଠ ପୋଲ୍ଲ

—ଗୀତ—

ବେଣୁପୂରେ ଭୃଙ୍ଗରନ୍ଧ୍ରେ ମନ୍ଦ୍ରେ
ନାଦ କରଇ ପବନ ଭେଦଗତେ ।
ମଦନଶରରେ ହତସମରେ ମୋହଇ—
ଚିତ୍ତ ସ୍ତ୍ରକତେଣ ତନୁ ପୁଲକତେ ସେ ।
ଚତକ୍ଷଣେ; ମନସିଜ ମନ୍ତ୍ରେ ଛେଦ ବେଣୁ ।
ଏକପବ ଏକଗଣ୍ଠି ସେଇଂ ଗୋଟିରନ୍ଧ୍ରେ
ମୋହନ ମନ୍ତ୍ରରେ ବାଏ କାହ୍ନ ॥

Digitized by srujanika@gmail.com

ଅଧର ମଧୁର ସ୍ୱର ସଞ୍ଚଶରେ
ଶୁଣି ଜଡ଼ତ ହୋଏ ଏକା ମନୁ ।
ପାଷାଣ ତରଳ ବନ୍ଦେ ଜୀବମୋଦେ
ନଦୀ ସ୍ଥଗିତ ତୃଣମୁଖେ ଧେନୁ ॥

—*—

ସପ୍ତମ ପୋଛ

—ଗୀତ—

କହେ ରାଧା ଚନ୍ଦ୍ରମୁଖୀ ଏକାଦେଖି ସଞ୍ଚାଳ କଲ୍ କାହ୍ନୁ ।
ଚାଲ ନେଲ ମୋତିମାଳୀ ସତ୍ୟକର ରତ୍ନ ମାଗଇ
ଶୁଣି ମୋ କମ୍ପେତନୁ ସେ ।

କସଖି ଗୋ; କାରଣ କରଇ ମୁହ୍ଁ ।
ଅନେକ ବନସ୍ଥ ମୋତେ ବୃନ୍ଦେଯେତେ କହିଲେ
ପାଷାଣକଲ ଦେହ୍ନ ଗୋ ।

ଧର ମୋର ବେନି ପାଦ ହୋଇଲସେ ଗଦଗଦ
ଅଇଲ ପଳାଇ ମନଖେଦେ ।
ମୋହରେ ବନସ୍ତ୍ରୀ ହୋଇ ବେଣୁବାଇ
ଶୁଣି ମଦନ ଲଗିଲ ଏବେ ହାଦେ ॥

—*—

Digitized by srujanika@gmail.com

ଅଷ୍ଟମ ପୋଇ

—ଗୀତ—

ସଜନୀ ନାରଣ ଶୁଣି ବରଦେ ମୁଖ ମାଡ଼ଣ
ଭୂମିଶପ୍ପନ କଲ ମୁଖମାଡ଼ ।
ବିଷାଦ ନୁହ ତୁ ସଖି ପ୍ରାଣଥାଅ ରଖି
ଗୋବିନ୍ଦକୁ ଆଣିଦେବ ଲେଡ଼ ।
ଏରେଗୋ; ମାଧବ ସନ୍ନିଧେ ଚଳ ଦୂଗ ।
ମାପଚରୁତଳେ ଯାଇ ପରୁରଇ
ବେଶ ବିରସର ଆନଆନ ଗତ ସେ ।
ଶୋଣିତ ଏ ପୀତାମ୍ବର ବିରସ କମ୍ପା ଅଧର
ମଧୁର ବିଧୁର ଧୂଳୀ ଅଙ୍ଗ ।
ବଚଳାଡ ତାକୁଚୂଳ ଅଶ୍ରୁଜଳ ବହେ
କେବଣ କାରଣେ ଘଲେ ରଙ୍ଗ ।

—*—

ନବମ ପୋଇ

—ଗୀତ—

ସ୍ବତେକ ଗଗନ ମାର ନିର୍ଦ୍ଧନ ଧନ ପାଇଲେ
ହରଷ ଯେମନ୍ତ ହୋଏ ମତ ।
ତେସନ ଗୋବିନ୍ଦ ଶୁଣି କାମଶ୍ରେଣୀ
ବେଗକଣ ଘେନଆସ କୁନ୍ଦଦନ୍ତୀ ସେ ।

Digitized by srujanika@gmail.com

କିସଖି ଗୋ; ବିଳମ୍ବ ହୋଇଲେ କାର୍ଯ୍ୟନାଶ
ସୁବେଶ ହୋଇଣ ବେଶ ନବୀନ ଶେଷନଶୀ
ସଜନୀ ଯେନ ପ୍ରବେଶ ସେ ।

ଗୋବନ୍ଦ ଆଦେଶଯେ ଯେନ ସୀମନ୍ତ
ହରଷେ ବେଗେ ମିଳଲ୍ ରାଧାପାଶ ।
ମାଧବ ଚରିତ କହ୍ନି ଶୁଣିରାଧା ମନେହରଷ—
ହୋଇଣ ହୋଏ ସୁବେଶ ସେ ॥

Digitized by srujanika@gmail.com